ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.207 Bhubaneswar Tuesday October 04 2022 | ୨୫ତମ ବର୍ଷ ସଂଖ୍ୟା-୨୦୭ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଟ୍ୟୁସନ୍ ସାର୍ ଓ ମା'ର ଲଭ୍‌ଷ୍ଟୋରୀରେ ପାଚେରୀ ଥିଲା ପିଲା, ମାରିଦେଲେ !





ପଟ୍ଟାମୁଣ୍ଡାଇ,୩।୧୦(ପି.ଏନ): ପିଲାଙ୍କୁ ଟ୍ୟୁସନ୍ କରିବାକୁ ଆସୁଥିଲେ ସାର୍। ହେଲେ ପିଲାଙ୍କ ମା'ଙ୍କୁ ପଢ଼ାଇଲେ ପ୍ରେମ ପାଠ। ତାଙ୍କ ପ୍ରେମରେ ହେଲେ ଉବୁଟୁବୁ। ୩ ବର୍ଷର କୁନି ପୁଅ ପ୍ରତିବନ୍ଧକ ସାଜିବାରୁ ଜନ୍ମକଲା ମା' ଓ ତାଙ୍କ ପ୍ରେମିକ ମିଶି ମାରିଦେଲେ! ଏପରି ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରୁ। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ରାକ୍ଷସୀ ମାଆ ଓ ତାଙ୍କ ପ୍ରେମିକକୁ ଗିରଫ କରି ତଦନ୍ତ ଚ଼ଳାଇଛି।ପୂରା ଘଟଣା ଏମିତି। ପଟ୍ଟାମୁଣ୍ଡାଇ ଥାନା ମାଟିଆପଡା ଗାଁର ସୁକାନ୍ତ ନାଥ। ସେ ଦୁହିଡିପୁର ଗାଁର ରଶ୍ମୀତା(ଛଦ୍ମନାମ)ଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ପାରିବାରିକ ସଂସାର ଠିକ୍‌ଠାକ୍ ଚ଼ାଲିଥିଲା। ସୁକାନ୍ତ ରାଜ୍ୟ ବାହାରେ କାମଦାମ କରି ଯାହା ଉପାର୍ଜନ କରନ୍ତି, ସେଥିରେ ଚ଼ଳେ ପୂରା ପରିବାର। ଇତି ମଧ୍ୟ ଉଭୟଙ୍କ ଔରଷରୁ ୩ଟି ପିଲା ହୋଇଥିଲା। ଦୁଇ ପୁଅ ଓ ଗୋଟିଏ ଝିଅ।ବଡପୁଅ ଓ ଝିଅଙ୍କ ପାଠ ପଢ଼ିବା ପାଇଁ ସ୍ୱାମୀଙ୍କ ଅନୁମତିରେ ରଶ୍ମୀତା ପଟ୍ଟାମୁଣ୍ଡାଇ ଟାଉନ୍‌କୁ ପଳାଇ ଆସିଥିଲେ। ସେଠାରେ ଘର ଭଡା ନେଇ ରହୁଥିଲେ। ଏହା ପରେ ବଡପୁଅ ଓ ଝିଅଙ୍କୁ ପାଠ ପଢ଼ାଇବା ପାଇଁ ଆସିଲେ ଜଣେ ଟ୍ୟୁସନ୍ ମାଷ୍ଟର। ମାଷ୍ଟ୍ରେ ଆଜ୍ଞା ପିଲାଙ୍କୁ ପାଠ କମ୍, କିନ୍ତୁ ତାଙ୍କ ମା'ଙ୍କୁ ଅଧିକ ପ୍ରେମ ପାଠ ପଢ଼ାଇବା ଆରମ୍ଭ କଲେ। ବେଶ୍ କିଛି ଦିନ ଆଖିଆଖିର ଲଢ଼ଇ ପରେ ଆରମ୍ଭ ହୋଇଥିବା ପ୍ରେମ। ପରସ୍ପରର ପ୍ରେମରେ ପଡି ଉବୁଟୁବୁ ହେଲେ ରଶ୍ମୀତା ଓ ଟ୍ୟୁସନ ସାର୍।ରଶ୍ମୀତାଙ୍କ ବଡ ପୁଅ ଓ ଝିଅ ସବୁ ଜାଣିପାରୁଥିଲେ। ହେଲେ ମାଡ ଭୟରେ ମୁହଁ ଖୋଲୁ ନଥିଲେ। ଯେଉଁଦିନ ଟ୍ୟୁସନ୍ ରହୁନଥିଲା, ସେଦିନ ରଶ୍ମୀତାଙ୍କ ବଡପୁଅ ଓ ଝିଅ ମାମୁ ଘରକୁ ପଳାଇ ଯାଉଥିଲେ। ଘରେ କେବଳ ୩ ବର୍ଷର ସାନ ପୁଅ ଓ ରଶ୍ମୀତା ରହୁଥିଲେ। ଏହାର ସୁଯୋଗ ନେଇ କ୍ଲାସ ନଥିଲେ ମଧ୍ୟ ସାର୍ ତାଙ୍କ ପ୍ରେମିକା ରଶ୍ମୀତାଙ୍କ ଘରକୁ ଆସୁଥିଲେ। ଆଉ ତାଙ୍କ ସହ ପୂରା ଦିନ କାଟୁଥିଲେ। ତେବେ ପ୍ରେମିକ ସାରଙ୍କ ପ୍ରେମରେ ପ୍ରତିବନ୍ଧକ ସାଜିଥିଲା ରଶ୍ମୀତାଙ୍କ ୩ ବର୍ଷର ପୁଅ। ତେଣୁ ଛୁଆକୁ ରାସ୍ତାରୁ ହଟାଇବା ପାଇଁ ଉଭୟ(ରଶ୍ମୀତା ଓ ସାର୍) କରିଥିଲେ ପ୍ଲାନ୍। ଯୋଜନା ଅନୁସାରେ, ଗତ ଶନିବାର(ଅକ୍ଟୋବର ୧) ରଶ୍ମୀତା ଓ ତାଙ୍କ ପ୍ରେମିକ ଟ୍ୟୁସନ ସାର୍ ମିଶି ଛୁଆକୁ ତଳେ କଚ଼ାଡି ଦେଇଥିଲେ। ପରେ କିଛି ନଜାଣିଲା ଭଳି ଛୁଆକୁ ଧରି ମେଡିକାଲ୍ ଯାଇଥିଲେ ରଶ୍ମୀତା। ସେଠାରେ ଡାକ୍ତର ଛୁଆକୁ ମୃତ ଘୋଷଣା କରିଥିଲେ। ଏହା ପରେ ରଶ୍ମୀତାଙ୍କୁ ଡାକ୍ତର ପଚ଼ାରିଥିଲେ, କେମିତି ଛୁଆର ମୃତ୍ୟୁ ହେଲା। ରଶ୍ମୀତା କହିଥିଲେ, ଛାତ ଉପରେ ଖେଳୁଥିବା ବେଳେ ଖସି ପଡିଲା। ତା'ପରେ ମୃତଦେହକୁ ଆଣି ଗାଁରେ ପୋତି ଦେଇଥିଲେ ରଶ୍ମୀତା ଓ ତାଙ୍କ ପ୍ରେମିକ। ୩ ବର୍ଷର ସାନ ଭାଇର ମୃତ୍ୟୁ କେମିତି ହେଲା ? ଏକଥା ବଡଭାଇ ଓ ଭଉଣୀ ବେଶ ଭଲ ଭାବେ ଜାଣିଥିଲେ। କାରଣ ସବୁବେଳେ ମାମୁ ଘରକୁ ଚ଼ାଲି ଯାଉଥିବା ଦୁଇ ପିଲା ଘଟଣା ଦିନ ଘର ଭିତରେ ହିଁ ରହିଥିଲେ। ସେମାନେ ସବୁ ଜାଣିଥିବାରୁ ମା' ରଶ୍ମୀତା ଓ ଟ୍ୟୁସନ ସାର୍ ମୁହଁ ବନ୍ଦ ରଖିବାକୁ ଧମକଚ଼ମକ ଦେଇଥିଲେ। ସେମାନଙ୍କ ମନରେ ଭୟ ସୃଷ୍ଟି କରିବାକୁ ଘଟଣା ଦିନ ରଶ୍ମୀତା ଓ ତାଙ୍କ ପ୍ରେମିକ ଭାଇ ଭଉଣୀଙ୍କୁ ପ୍ରବଳ ମାଡ ମାରିଥିବା ଅଭିଯୋଗ ମଧ୍ୟ ହୋଇଛି। ମାଡ ଭୟରେ ସେମାନେ ମାମୁ ଘରକୁ ଚ଼ାଲି ଯାଇଥିଲେ ଓ ସେଠାରେ କାହାକୁ କିଛି କହି ନଥିଲେ। ଦୁଇ ପିଲା ମାମୁ ଘରକୁ ଚ଼ାଲି ଯିବାରୁ ପଟ୍ଟାମୁଣ୍ଡାଇ ସ୍ଥିତ ଭଡା ଘରେ ଏକାକୀ ରହିଥିଲେ ରଶ୍ମୀତା। ଶନିବାର ଛୁଆକୁ ହତ୍ୟା କରିବା ପରେ ରବିବାର ଶାରୀରିକ ଲାଳସା ମେଣ୍ଟାଇବା ପାଇଁ ଆସିଥିଲେ ଟ୍ୟୁସନ ସାର। ହେଲେ ପୁଅକୁ ହରାଇଥିବା ମା'ର ମନ ବୁଝୁ ନଥିଲା। ଆଖି ଆଗରେ ବଢ଼ିଲା ପୁଅର ମୃତ୍ୟୁକୁ ଭୁଲି ପାରିନଥିଲେ ରଶ୍ମୀତା। ତେଣୁ ସେ ଚୁପଚ଼ାପ ରହୁଥିଲେ। ଏହା ଦେଖି ପ୍ରେମିକ ପ୍ରବର ବିରକ୍ତି ପ୍ରକାଶ କରିଥିଲା। ଏପରିକି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଚ଼ାହିଁଥିଲେ ବି ରଶ୍ମୀତା ରାଜି ହୋଇ ନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ତା'ପରେ ପ୍ରେମିକ ପ୍ରବର ସେଠାରୁ ପଳାଇ ଯାଇଥିଲେ।ସନ୍ଧ୍ୟାରେ ଥାନାରେ ପହଞ୍ଚିଥିଲେ ରଶ୍ମୀତା। ଆଉ ପ୍ରେମିକଙ୍କ ବିରୋଧରେ ଆଣିଥିଲେ ସଙ୍ଗୀନ ଅଭିଯୋଗ। ଟ୍ୟୁସନ୍ କଲା ବେଳେ ପିଲାଙ୍କୁ ପିଟିବାକୁ ବାରଣ କରିବାରୁ ଟ୍ୟୁସନ୍ ସାର ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ସେ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପ୍ରେମିକ ଟ୍ୟୁସନ୍ ସାର୍ ପ୍ରେମିକା ରଶ୍ମୀତାଙ୍କ ବାପ ଘରକୁ ଯାଇଥିଲେ। ସେଠାରେ ଟ୍ୟୁସନ ସାରଙ୍କୁ ଦେଖି ରଶ୍ମୀତାଙ୍କ ବଡ ଝିଅ ଚ଼ିତ୍କାର କରିଥିଲେ। ଏଥିସହ ତାଙ୍କ ସାନ ଭାଇଙ୍କୁ ଟ୍ୟୁସନ ସାର୍ ହିଁ ହତ୍ୟା କରିଥିବା ମାମୁ ଘର ଲୋକଙ୍କୁ ଜଣାଇଥିଲେ। ଝିଅ ଠାରୁ ସବୁ କଥା ଶୁଣିବା ପରେ ପ୍ରେମିକ ପ୍ରବରକୁ ଘର ଲୋକେ ଅଟକ ରଖି ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ତାଙ୍କୁ ଥାନାକୁ ଆଣି ପଚ଼ରାଉଚ଼ରା କରିଥିଲା। ପରେ ପୂରା ଘଟଣା ଉପରୁ ପରଦ୍ଦା ହଟିଥିଲା। ରଶ୍ମୀତା ଓ ଟ୍ୟୁସନ୍ ସାରଙ୍କ ଭିତରେ ପ୍ରେମ ସମ୍ପର୍କ ଥିଲା ବୋଲି ପୁଲିସ ସ୍ପଷ୍ଟ କରିଛି। ଏହି ପ୍ରେମ ସମ୍ପର୍କକୁ ଲୁଚ଼ାଇବା ପାଇଁ ୩ ବର୍ଷର ଛୁଆକୁ ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡିଛି। ଘଟଣା ଜଣାପଡିବା ପରେ ପୁଲିସ୍ ଉଭୟଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଛି। ଏଥିସହ ଛୁଆର ମୃତଦେହ ଗାତରୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଯନ୍ତ୍ରୀଙ୍କ ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ

କଲ୍ୟାଣସିଂହପୁର ,୩।୧୦(ପି.ଏନ): ଯନ୍ତ୍ରୀଙ୍କ ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ। ଆଲମିରା ଭାଙ୍ଗି ପାଖାପାଖି ନଗଦ ୩ ଲକ୍ଷ ଟଙ୍କା ଓ ଗହଣା ଲୁଟିନେଲେ। ଏପରି ଲୁଟ୍ ? ରାୟଗଡା ଟାଉନ୍‌ରେ ଘଟିଛି। ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଚ଼ଳାଇଛି।କସ୍ତୁରୀ ନଗର ପଞ୍ଚମ ଲେନ୍‌ରେ ରୁହନ୍ତି କୋଲନରା ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ବେହେରା। କିନ୍ତୁ ଗତ ୬ ଦିନ ହେଲା ସେ ଘରେ ନଥିଲେ। କୌଣସି କାମରେ ପାରିବାର ଲୋକଙ୍କ ସହିତ କୋଲକାତା ଯାଇଥିଲେ। ଘରେ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଅଲମିରା ତାଡ଼ି ନଗଦ ୩ ଲକ୍ଷ ଟଙ୍କା ସହିତ ୫୦ ଭରି ସୁନା ଅଳଙ୍କାର ଲୁଟି ନେଇଥିଲେ। ଘରର କବାଟ ଭଙ୍ଗା ଯାଇଥିବା ଦେଖି ପଡୋଶୀମାନେ ଶ୍ରୀ ବେହେରାଙ୍କୁ ଜଣାଇବା ସହିତ ଥାନାକୁ ଖବର ଦେଇଥିଲେ।ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଟାଉନ୍ ଥାନା ପୁଲିସ ଘଟଣାର ତଦନ୍ତ ଚ଼ଳାଇଛି। ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ ପତ୍ତା ପାଇନାହିଁ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚ଼ଳାଇଛି।



ରବିନାରାୟଣ ପୁହାଣ
ସତ୍ତ୍ୱାଧିକାରୀ
ହୋଟେଲ ନଟରାଜ ରୟାଲ
ବାଇପାସ୍ ରୋଡ୍, ଚୋର୍ଦା,
ଯାଜପୁର ରୋଡ୍

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା




## ପୁଡୁଚେରୀ ଓ ଚେନ୍ନାଇ ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ପୁଡୁଚେରୀ/ଚେନ୍ନାଇ, ୩।୧୦(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ପୁଡୁଚେରୀ ଓ ଚେନ୍ନାଇ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ପୁଡୁଚେରୀ ଠାରେ ଥିବା ଶ୍ରୀ ଅରବିନ୍ଦ ଆଶ୍ରମ ଗସ୍ତ କରିଥିଲେ । ଗତ ୨୫ ବର୍ଷ ପୂର୍ବରୁ ଏବିଭିପିର କାର୍ଯ୍ୟକର୍ତ୍ତା ଥିବାବେଳେ ସେ ଏହି ଆଶ୍ରମକୁ ଆସିଥିବା ସ୍ମୃତିଚ଼ାରଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହା ସହ ସେ କହିଥିଲେ ମହର୍ଷି ଶ୍ରୀ ଅରବିନ୍ଦ ଆଧ୍ୟାତ୍ମିକ ଗୁରୁ ଭାବରେ ଭାରତ ବିଶ୍ୱଗୁରୁ ହେବାର କଳ୍ପନା କରିଥିଲେ ଏବଂ ଆତ୍ମନିର୍ଭର ଭାରତର ସଂରଚ଼ନା କରିଥିଲେ । ଶ୍ରୀ ଅରବିନ୍ଦ ଏବଂ ଶ୍ରୀ ମାଆଙ୍କ ଜୀବନ ଓ ଶିକ୍ଷା ଆମ ସମସ୍ତଙ୍କୁ ଭାରତକୁ ଏକ ଶିକ୍ଷା ଆଧାରିତ ମହାଶକ୍ତି ଭାବେ ପରିଣତ କରିବାରେ ପ୍ରେରଣା ଦେଉଛି । ଏହି ଅବସରରେ ଶ୍ରୀ ପ୍ରଧାନ ପୁଡୁଚେରୀ ବୁଲି ଆସିଥିବା ଓଡ଼ିଶା ବାଲେଶ୍ୱର ଜିଲ୍ଲାର ମୀରାମ୍ବିକା ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭେଟି ଶ୍ରୀ ପ୍ରଧାନ ଖୁସି ବ୍ୟକ୍ତ କରିଥିଲେ । ଏହା ପରେ ଶ୍ରୀ ପ୍ରଧାନ ପୁଡୁଚେରୀର ବିଜେପି କାର୍ଯ୍ୟାଳୟକୁ ଗସ୍ତ କରି କାର୍ଯ୍ୟକର୍ତ୍ତା ମାନଙ୍କୁ ଭେଟିଥିଲେ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶର ଏଜେଣ୍ଡାକୁ ପୂରଣ କରିବାରେ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ନିରନ୍ତର ପରିଶ୍ରମ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ସହ ପୁଡୁଚେରୀର ଜନସାଧାରଣଙ୍କ କଲ୍ୟାଣ ଏବଂ ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## କାର୍‌ରେ ପୁଲିସ ବୋର୍ଡ ଲଗାଇ ବୁଲୁଥିଲେ, ଏସ୍‌ପି ଧରିପକାଇଲେ

ବ୍ରହ୍ମପୁର,୩।୧୦(ପି.ଏନ): କାରରେ ପୁଲିସ ବୋର୍ଡ ଲଗାଇ ନିରଦ୍ୱନ୍ଦ୍ୱରେ ବୁଲୁଥିଲେ। ପୁଲିସ ଗାଡି ଭାବି ସବୁ ଚେକ୍ ପୋଷ୍ଟ ଦେଇ ଆରାମରେ ଖସି ଯାଇ ପାରୁଥିଲା। ହେଲେ ଆଜି ଧରାପଡିଛି ଜଣେ ଦୁର୍ବୃତ୍ତର ଏଭଳି କାରନାମା। ପୁଲିସ ବୋର୍ଡ ଲଗାଇ ବୁଲିବା ତାଙ୍କୁ ମହଙ୍ଗା ପଡିଛି। ଖୋଦ୍ ଏସ୍‌ପିଙ୍କ ନଜରରେ ଏହି କାର ପଡିଥିଲା। ଯାହା ପରେ ପୁଲିସ ମାମଲା ରୁଜୁ କରି ଏହି କାର ଚ଼ାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।ସୂଚ଼ନା ମୁତାବକ, ଆଜି ଦିନ ପ୍ରାୟ ୧ଟା ବେଳେ ଆନ୍ଧ୍ରପ୍ରଦେଶ ନମ୍ବର ପ୍ଲେଟ୍ ଥିବା ଏକ ଦାମୀ କାର ଲାଞ୍ଜିପଲି ବାଇପାସ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରୁଥିଲା। ଏହି କାରର କାଚ଼ ଆଗରେ ପୁଲିସ ବୋର୍ଡ ଲାଗିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଅଫିସ ଗାଡ଼ିରେ ଯାଉଥିବା ଏସପି ଶ୍ରବଣ ବିବେକ ଏମଙ୍କ ନଜର ଉକ୍ତ କାର୍ ଉପରେ ପଡିଥିଲା।କାରଟିକୁ ଦେଖିବା ପରେ ଏସ୍‌ପିଙ୍କ ସନ୍ଦେହ ବଢ଼ିଥିଲା। କାରଣ କାର ଚ଼ଳାଉଥିବା ଲୋକର ଡ୍ରେସ ସାଧାରଣ ଥିଲା ଓ ସେ ବେକରେ ସୁନା ଚେନ ପକାଇଥିଲେ। ତେଣୁ ସେ ସନ୍ଦେହ କରି କାର୍‌ର ପିଛା କରିଥିଲେ। କାରଟି ଟାଟା ବେଞ୍ଚ ଛକ ଦେଇ ଯାଉଥିବା ଖବର ଟ୍ରାଫିକ ପୁଲିସକୁ ଦେଇଥିଲେ। ଏହାକୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଗାଡିକୁ ଅଟକ ରଖାଯିବା ପରେ ଯାଞ୍ଚ କରାଯାଇଥିଲା।ଏହି ସମୟରେ କାର୍ ଚ଼ାଳକ ଜଣକ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲ୍ଲା କୋଟା ବୋମାଲିର କେ. ସୁବ୍ରମଣ୍ୟମ ବୋଲି ଜଣାପଡିଥିଲା। ତେବେ ନା ସେ ଜଣେ ପୁଲିସ କର୍ମଚ଼ାରୀ, ନା ଏହା ପୁଲିସ ଗାଡି ବୋଲି ଯାଞ୍ଚରେ ଜଣାପଡିଥିଲା।

### ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ 'ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅକ୍ଟୋବର ୪ ରୁ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୭ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**



ପ୍ରଦୀପ କୁମାର ସାହୁ
ରାଜ୍ୟ ସମ୍ପାଦକ
ବିଜୁ ଜନତା ଦଳ

ବେଗୁନିଆ ନିର୍ବାଚ଼ନ ମଣ୍ଡଳୀର ଭୋଟର ଭାଇ ଭଉଣୀ ମାନଙ୍କୁ ଦଶହରା ଉପଲକ୍ଷେ ଅଭିନନ୍ଦନ

## ଜେଇଇ ପ୍ରଶ୍ନପତ୍ର ଲିକ୍ ଘଟଣା: ସିବିଆଇ ପଞ୍ଝାରେ ରୁଷ ଯୁବକ

ନୂଆଦିଲ୍ଲୀ,୩।୧୦(ପି.ଏନ): ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍ସ ୨୦୨୧ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆଜି ସିବିଆଇ ଜଣେ ରୁଷ ନାଗରିକଙ୍କୁ ଅଟକ ରଖିଛି। ଅଟକ ଯୁବକ ଜଣଙ୍କ ହେଲେ ମିଖାଇଲ ଶାରଗିନ। ଯୁବକ ଜଣଙ୍କ ଜେଇଇ ମେନ୍ସ ଅନୁଷ୍ଠିତ ହେଉଥିବା ଇଲେଓନ ସଫ୍ଟୱେୟାରକୁ ହ୍ୟାକ୍ କରି ପ୍ରଶ୍ନପତ୍ର ହାତେଇଥିଲେ ବୋଲି ସିବିଆଇ ଆଶଙ୍କା କରୁଛି। ମିଖାଇଲ କାଜଖସ୍ତାନରୁ ଦିଲ୍ଲୀର ଇନ୍ଦିରା ଗାନ୍ଧି ଏୟାରପୋର୍ଟକୁ ଆସିଥିବା ବେଳେ ତାଙ୍କୁ ପ୍ରଥମେ ବ୍ୟୁରୋ ଅଫ ଇମିଗ୍ରେସନ ଅଟକ ରଖିଥିଲା। ଏହାପରେ ସିବିଆଇ ତାଙ୍କୁ ନିଜ ସହ ଜେରା ଆରମ୍ଭ କରିଛି।ସିବିଆଇ ତଦନ୍ତ କରିବା ବେଳେ ଜାଣିବାକୁ ପାଇଥିଲା ଯେ ଜେଇଇ ମେନ୍ସ ସହ ଅନଲାଇନରେ ଅନୁଷ୍ଠିତ ଏକାଧିକ ପରୀକ୍ଷାରେ ହୋଇଥିବା ଅନିୟମିତତା ପଛରେ କିଛି ବିଦେଶୀ ନାଗରିକଙ୍କ ହାତ ରହିଛି। ଏହି ବିଦେଶୀ ନାଗରିକମାନେ ଭାରତର କିଛି ଅଭିଯୁକ୍ତଙ୍କ ସହ ମିଶି ପ୍ରଶ୍ନପତ୍ର ହ୍ୟାକ କରୁଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହାକୁ ଲିକ୍ କରିଥିଲେ।ସିବିଆଇର କହିବା କଥା, ଜେଇଇ(ମେନ୍ସ) ୨୦୨୧ ଇଲେଓନ ସଫ୍ଟୱେୟାର ଦ୍ୱାରା କରାଯାଇଥିଲା। ଏହାକୁ ଟିସିଏସ୍ ତିଆରି କରିଥିଲା। ତେବେ ମିଖାଇଲ ଏହି ସଫ୍ଟୱେୟାରକୁ ହ୍ୟାକ କରିବାରେ ସହାୟତା କରିଥିଲେ। ପରୀକ୍ଷା ବେଳେ ସନ୍ଦିଗ୍ଧ ପରୀକ୍ଷାର୍ଥୀଙ୍କ କମ୍ପ୍ୟୁଟର ବ୍ୟବସ୍ଥାରୁ ମିଖାଇଲ ପ୍ରଶ୍ନପତ୍ର ହ୍ୟାକ କରିବାରେ ଅନ୍ୟ ଅଭିଯୁକ୍ତଙ୍କୁ ସହଯୋଗ କରିଥିଲେ। ଏଥିପାଇଁ ତାଙ୍କ ନାଁରେ ଲୁକ ଆଉଟ ନୋଟିସ ମଧ୍ୟ ଜାରି କରାଯାଇଥିଲା।ଜେଇଇ ୨୦୨୧ରେ ଅନିୟମିତତା ଅଭିଯୋଗ ଆସିବା ପରେ ସିବିଆଇ Affinity Education Private Limited ସମେତ ଏହାର ନିର୍ଦ୍ଦେଶକ ସିଦ୍ଧାର୍ଥ କ୍ରିଷ୍ଣା, ବିଶ୍ୱମ୍ଭର ମଣି ତ୍ରିପାଠୀ ଓ ଗୋବିନ୍ଦ ଭିଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଇନିଷ୍ଟିଚ୍ୟୁସନ ଓ ଏହାର କର୍ମଚ଼ାରୀମାନେ ଜେଇଇ(ମେନ୍ସ) ପରୀକ୍ଷାରେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା।ଏଫଆଇଆର ଅନୁସାରେ, ଅଭିଯୁକ୍ତମାନେ ଅନଲାଇନ ଜେଇଇ(ମେନ୍ସ) ପରୀକ୍ଷାରେ ହେରଫେର କରିଥିଲେ ଓ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଏନଆଇଟିଗୁଡିକରେ ଆଡମିଶନ କରିବାରେ ସହାୟତା କରିଥିଲେ। ହରିଆଣାର ସୋନେପତରେ ଥିବା ଗୋଟିଏ ପରୀକ୍ଷା କେନ୍ଦ୍ରରୁ ଏମାନେ ରିମୋଟ ଦ୍ୱାରା ପ୍ରଶ୍ନଗୁଡିକ ସମାଧାନ କରି ପରୀକ୍ଷାର୍ଥୀଙ୍କୁ ସବୁ ପ୍ରକାରର ସହାୟତା କରିଥିଲେ।ଏହାବାଦ୍ ସିକ୍ୟୁରିଟି ବାବଦକୁ ଅଭିଯୁକ୍ତମାନେ ଆଶାୟୀଙ୍କ ଦଶମ, ଦ୍ୱାଦଶ ଶ୍ରେଣୀ ମାର୍କଶିଟ୍, ୟୁଜର ଆଇଡି, ପାସୱାର୍ଡ ଓ କିଛି ଆଗକୁ ତାରିଖ ଥିବା ଚେକ୍‌ଗୁଡିକୁ ନିଜ ପାଖରେ ରଖୁଥିଲେ। ପିଲାମାନଙ୍କ ନାଁ ଲେଖା ହୋଇଯିବା ପରେ ସେମାନେ ଏହା ବଦଳରେ ଜଣଙ୍କ ପିଛା ୧୨ରୁ ୧୫ ଲକ୍ଷ ଟଙ୍କା ଆଦାୟ କରୁଥିଲେ ବୋଲି ସିବିଆଇ କହିଛି।



### ବାର୍ତ୍ତା

ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବ୍ୟାସନଗର ତଥା ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣା । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଞ୍ଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଂଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# -ଦୁର୍ଗୋତ୍ସବ: ନବଦୁର୍ଗା-





*"ଦୁର୍ଗତିକୁ ଯେଣୁ କରିପାରନ୍ତି ସେ ଦୂର/ତେଣୁ କରି ଦୁର୍ଗା ନାମ ଅଟଇ ତାଙ୍କର ॥"*

—ଚଣ୍ଡୀ ପୁରାଣ।

ଦୁର୍ଗତି ନାଶ କରୁଥିବାରୁ ମା' ଆଦ୍ୟାଶକ୍ତି ଜଗଜ୍ଜନନୀଙ୍କୁ ଦୁର୍ଗା ବୋଲି କୁହାଯାଏ। ପୁରାଣମତେ ସେ ଆଦ୍ୟାଶକ୍ତି ମା' ଦୁର୍ଗା ନାମକ ଅସୁରକୁ ବଧ କରିଥିବାରୁ, ତା' ନାଁ ନେଇ ଦୁର୍ଗା। ତେବେ ଯାହାହେଉ ଦୁଷ୍ଟ ନିବାରି ସନ୍ଥପାଳୁ, ତୁ ନାଥ ପରମ ଦୟାଳୁ ପରି ଏ ମା' ହେଉଛନ୍ତି ସକଳ ଦୁଃଖ, ଶୋକ, ଯନ୍ତ୍ରଣା, ଶତ୍ରୁଭୟ ଏବଂ ସମସ୍ତ ଅନିଷ୍ଟକାରୀ ଶକ୍ତିର ଦମନକାରୀ। ଅନ୍ୟପକ୍ଷରେ ସକଳ ଅଭୀପ୍‌ସା ବା ସିଦ୍ଧିପ୍ରଦାନକାରୀ ତଥା ପରଜଗତରେ ପରମ ପାଦ ଲାଭ କରିବାର ଏକମାତ୍ର ପଥ। ମା'ର କରୁଣା ଥିଲେ କ'ଣ। ସାଧନ ନହୁଏ ଏ ଜଗତେ।

ସେହି କରୁଣା ପାଇଁ ମା'ର ପୂଜା ଏହି ଶାରଦୀୟ ଅବସରରେ ଆଶ୍ୱିନ ପ୍ରତିପଦାଠାରୁ ନବଦିନ ବ୍ୟାପୀ ମା'ର ବିଭିନ୍ନ ସ୍ୱରୂପ ବା ବିଗ୍ରହକୁ ପୂଜା କରାଯାଏ। ଦଶହରା ଦିନ ପୂଜାର ପୂର୍ଣ୍ଣାହୂତି କରାଯାଏ। ମା' ତାଙ୍କ ସ୍ୱରୂପରେ ନବରୂପ। ପ୍ରତିଦିନ ଗୋଟିଏ ସ୍ୱରୂପ ପୂଜା ହୁଏ। ଶ୍ରୀଚଣ୍ଡୀରେ ତାଙ୍କ ସ୍ୱରୂପକୁ ଏହି ରୂପେ ବର୍ଣ୍ଣନା କରାଯାଇଛି:

*"ପ୍ରଥମଂ ଶୈଳ ପୁତ୍ରୀଃ, ଦ୍ୱିତୀୟଂ ବ୍ରହ୍ମଚାରିଣୀ*
*ତୃତୀୟଂ ଚନ୍ଦ୍ର ଘଣ୍ଟେତି, କୁଷ୍ମାଣ୍ଡତି ଚତୁର୍ଥମ୍॥*
*ପଞ୍ଚମଂ ସ୍କନ୍ଦମାତାତି, ଷଷ୍ଠଂ କତ୍ୟାୟନୀତି ଚ*
*ସପ୍ତମଂ କାଳରାତ୍ରିତି, ମହାଗୌରୀ ରୁଷ୍ଟମମ୍,*
*ନବଂ ସିଦ୍ଧଦାତ୍ରୀଚ ନବଦୁର୍ଗା ପ୍ରବର୍ତ୍ତିତା ॥"*

ଅର୍ଥାତ୍ ଯଥାକ୍ରମେ ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧଦାତ୍ରୀ ରୂପେ ପୂଜା ପାଆନ୍ତି। ଏହି ରୂପମାନଙ୍କରେ କାହାର କାହା ସହିତ ସାମଞ୍ଜସ୍ୟ ନଥାଏ। ବିଚାରକୁ ନେଇ ପୂଜନ ଓ 'ଳ ସିଦ୍ଧ ଉଦ୍ଦିଷ୍ଟ ଅଛି।

ପ୍ରଥମ ଦିବସ ନବଦିନ ପୂଜନରେ ମା' ଶୈଳପୁତ୍ରୀ ପୂଜା ହୁଆନ୍ତି। ଏହି ଦିବସରେ ତାଙ୍କର ସ୍ୱରୂପ ବିଷୟରେ ଏମିତି କୁହାଯାଇଛି :

*"ବନ୍ଦେ ବାଞ୍ଛିତ ଲାଭାୟ ଚନ୍ଦ୍ରାର୍ଦ୍ଧକୃତ ଶେଖରମ୍।*
*ବୃଷାରୁଢ଼ା ଶୂଳଧରାଂ ଶୈଳପୁତ୍ରୀ ଯଶସ୍ୱିନୀମ୍ ॥"*

ସେ ପର୍ବତରାଜ ହିମାଳୟଙ୍କ କନ୍ୟା ହେତୁ ଶୈଳପୁତ୍ରୀ। ତାଙ୍କର ବାହାନ ବୃଷଭ, ବୃଷଭ ପୃଷ୍ଠରେ ଆସୀନ ବେଳେ ତାଙ୍କ ଡାହାଣ ହାତରେ ତ୍ରୀଶୁଳ ଏବଂ ବାମହାତରେ ପଦ୍ମପୁଷ୍ପ ଶୋଭାପାଉଥାଏ।

ଦ୍ୱିତୀୟ ଦିବସ ପୂଜନରେ ସେ ବ୍ରହ୍ମଚାରିଣୀ ରୂପେ ପୂଜା ପାଆନ୍ତି। ଏହି ସ୍ୱରୂପରେ ସେ ପୂର୍ଣ୍ଣ ଜ୍ୟୋତିର୍ମୟ ଏବଂ ଅତ୍ୟନ୍ତ ଭବ୍ୟ। ଏହାଙ୍କର ଡାହାଣ ହସ୍ତରେ ଜପାମାଳା ଏବଂ ବାମ ହାତରେ କମଣ୍ଡଳୁ ଥାଏ।

*"ଦଧାନା କରପଦମାଭ୍ୟାମକ୍ଷମାଳାକମଣ୍ଡଳୁ,*
*ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣୀ ନୂତ୍ତମା ॥"*

ତୃତୀୟ ଦିବସରେ ସେ ଚନ୍ଦ୍ର ଘଣ୍ଟା ଭାବେ ପୂଜିତା। ଏହାଙ୍କ ବାହନ ବ୍ୟାଘ୍ର। ଦେବୀଙ୍କ ମଥାରେ ଘଣ୍ଟାକାର ଅର୍ଦ୍ଧଚନ୍ଦ୍ର ହେତୁ ଚନ୍ଦ୍ରଘଣ୍ଟା, ଶରୀରର ରଂଗ ସୁବର୍ଣ୍ଣପରି, ଏ ଦେବୀଙ୍କର ଦଶହାତ ଏବଂ ଏହି ହସ୍ତମାନଙ୍କରେ ଯଥାକ୍ରମେ ଖଡ଼ଗ, ବାଣ, ଅସ୍ତ୍ର ଏବଂ ଶସ୍ତ୍ର ଇତ୍ୟାଦି ଶୋଭାପାଉଥାଏ। ଦେବୀ ଭୟାନକ ଏବଂ ଯୁଦ୍ଧମୁଦ୍ରାରେ ସଦାବେଳେ ଥାଆନ୍ତି।

*"ପିଣ୍ଡଜଗ୍ରବରାରୁଢ଼ା ଚଣ୍ଡକୋପାସତ୍ର କୈର୍ଯୁତା।*
*ପ୍ରସାଦଂ ତନୁତେ ମହାଂ ଚନ୍ଦ୍ରଘଣ୍ଟେତ ବିଶ୍ରୁତା ॥"*

ଚତୁର୍ଥ ଦିବସରେ ଦେବୀ କୁଷ୍ମାଣ୍ଡା ରୂପେ ପୂଜିତା। ନିଜ ମନ୍ଦ ହାସ୍ୟରୁ ବ୍ରହ୍ମାଣ୍ଡ ସୃଷ୍ଟି କରିଥିବାରୁ ଏବଂ ଦେବୀ ପାଣିକଥାରୁ (କୁଷ୍ମାଣ୍ଡା)କୁ ପ୍ରିୟବଳି ରୂପେ ଗ୍ରହଣ କରିଥିବାରୁ ଦେବୀଙ୍କ ନାମ ଏପରି ରଖାଯାଇଛି। ଦେବୀଙ୍କ ନିବାସ ସୂର୍ଯ୍ୟ ମଣ୍ଡଳ ହେତୁ, ତେଜସ୍ୱିନୀ। ତାଙ୍କର ବାହନ ବ୍ୟାଘ୍ର, ସେ ଅଷ୍ଟଭୁଜା, ଏହାଙ୍କର ସାତହସ୍ତରେ ଯଥାକ୍ରମେ କମଣ୍ଡଳୁ, ଧନୁ, ବାଣ, ପଦ୍ମଫୁଲ, କଳସ, ଚକ୍ର ତଥା ଗଦା ଥାଏ। ଅଷ୍ଟମ ହସ୍ତରେ ଦାନକାରୀ ସବୁସିଦ୍ଧର ଜପାମାଳା।

*"ସୁରା ସଂପୂର୍ଣ୍ଣ କଳଶଂ ରୁଧିରାପ୍ଲୁତ ମେବ ଚ।*
*ଦଧାନା ହସ୍ତପଦମାଭ୍ୟାଂ କୁଷ୍ମାଣ୍ଡ ଶୁଭାଦସ୍ତୁ ମେ ॥"*

ପଞ୍ଚମ ଦିବସରେ ଦେବୀ ସ୍କନ୍ଦମାତା ଭାବେ ପୂଜା ପାଆନ୍ତି। ସେ ଭଗବାନ ସ୍କନ୍ଦଙ୍କର (କାର୍ତ୍ତିକେୟ) ମାତା ହେତୁ ସେ ଏହି ନାମରେ ଅଭିହିତା। ତାଙ୍କର ବାହନ ସିଂହ, ତାଙ୍କ କୋଳରେ ଭଗବାନ ବାଳସ୍କନ୍ଦ। ସେ ଚତୁର୍ଭୁଜା। ତାଙ୍କର ଡାହାଣ ଉପର ହସ୍ତରେ ବାଳୁତ ସ୍କନ୍ଦକୁ କୋଳାଗ୍ରତ କରି ଧରିଛନ୍ତି। ତଳ ହାତଟିରେ ପଦ୍ମଫୁଲ, ବମପଟର ଉପର ହସ୍ତ ବରମୁଦ୍ରାରେଏବଂ ତଳହସ୍ତରେ ସେହି ପଦ୍ମପଷ୍ପ ଧାରଣ କରିଛନ୍ତି।

*"ସିଂହାସନଗତା ନିତ୍ୟଂ ପଦମାଶ୍ରିତ କର ଦ୍ୱୟା*
*ଶୁଭଦାସ୍ତୁ ସଦାଦେବୀ ସ୍କନ୍ଦମାତା ଯଶସ୍ୱିନୀ ॥"*

ଷଷ୍ଠ ଦି ବସରେ ମା' କାତ୍ୟାୟନୀ ରୂପେ ପୂଜିତା। ତାଙ୍କର ବାହନ ସିଂହ। ସେ ମହର୍ଷି କାତ୍ୟାୟନୀଙ୍କ ଘରେ ଆବିର୍ଭୂତା ହେତୁ ତାଙ୍କ ନାମ କାତ୍ୟାୟନୀ। ଏ ଦେବୀଙ୍କ ଡାହାଣପଟରେ ଉପର ହସ୍ତଟି ଅଭୟ ମୁଦ୍ରାରେ ଏବଂ ତଳହସ୍ତଟି ବରମୁଦ୍ରାରେ, ଏବଂ ବାମପଟ ଉପର ହାତରେ ତଲୱାର ଏବଂ ଦକ୍ଷିଣ ହସ୍ତରେ ପଦ୍ମଫୁଲ, ଏ ଦେବୀଙ୍କର ରଂଗ ସୁବର୍ଣ୍ଣପରି।

*"ଚନ୍ଦ୍ରହାସୋ ଉଜ୍ଜ୍ୱଳକରା ଶାର୍ଦ୍ଦୁଳବର ବାହନା,*
*କାତ୍ୟାୟନୀ ଶୁଭଂ ଦଧାଦେବୀ ଦାନବ ଘାତିନୀ।"*

ସପ୍ତମ ଦିବସରେ ମା' କାଳରାତ୍ରିରୂପେ ପୂଜା ପାଆନ୍ତି। ଦେବୀ ରଂଗରେ ଘନ ଅନ୍ଧକାରଠୁ ଆହୁରି କଳା। ରୂପରେ ଭୟଙ୍କରୀ। ବିକ୍ଷିପ୍ତ କେଶା। ତିନି ନେତ୍ର। ବ୍ରହ୍ମାଣ୍ଡପରି ଗୋଲ। ଦେବୀଙ୍କର ବାହନ ହେଉଛନ୍ତି ଗଧ। ମା' ଚତୁର୍ଭୁଜା। ଉପରକୁ ଉଠିଥିବା ଡାହାଣ ହାତଟି ବରମୁଦ୍ରା ଓ ନିମ୍ନ ହସ୍ତଟି ଅଭୟ ମୁଦ୍ରାରେ ଥାଏ।



ଉପର ବାମ ହାତରେ ଲୁହାର କଣ୍ଟକତ ଅସ୍ତ୍ର ଏବଂ ନିମ୍ନ ହସ୍ତରେ ଖଡ଼ଗ ଥାଏ। ରଂଗରେ କଳା ଓ ରାତ୍ରିରେ ଭୟ ହେତୁ କାଳରାତ୍ରି ବୋଲି ନାମିତ ଅଥଚ ସେ ଶୁଭଙ୍କରୀ ଏବଂ ରକ୍ଷାକବଚ। ଶ୍ରୀ ଚଣ୍ଡୀରେ ମା'ଙ୍କର ରୂପ ବର୍ଣ୍ଣନା ଏହିପରି:

***"ଏକବେଣୀ ଜପାବର୍ଣ୍ଣପୁରା ଖରାସ୍ଥିତା/ଲମ୍ବୋଷ୍ଠୀ କର୍ଣ୍ଣକାକର୍ଣ୍ଣା ତୈଳାଭକ୍ତ ଶରୀରିଣୀ ॥ ବାମପାଦୋ, ଲ୍ଲସଲ୍ଲୋହଲତା କଣ୍ଟକ ଭୂଷଣ/ବର୍ଦ୍ଧନ ମୂର୍ଧଧ୍ୱଜା କୃଷ୍ଣୀ କାଳରାତ୍ରି ଭୟଙ୍କରୀ ॥"***

ଅଷ୍ଟମ ଦିବସରେ ମା' ମହାଗୌରୀ ରୂପେ ପୂଜା ପାଆନ୍ତି। ଶିବଙ୍କୁ ପାଇବା ନିମନ୍ତେ ପୂର୍ବ ଜନ୍ମର ତପସ୍ୟାରେ ଖରାରେ, ତରାରେ, ଶିତକାକର ସହିସହି ମା' ଅତି ପତଳା ଓ କଳା ପଡ଼ିଯାଇଥିଲେ। ଶିବଙ୍କ ବର ଲାଭପରେ ଶିବ ତାଙ୍କୁ ପବିତ୍ର ଗଙ୍ଗାଜଳରେ ଧୌତ କରାଇ ଦେବାରୁ ସେ ଗୋରାପାଲଟି ଗଲେ। ଏଣୁ ଗୌରୀ ବା ମହାଗୌରୀ। ଏଦେବୀଙ୍କର ଆୟୁକାଳ ଆଠବର୍ଷ। ବାହନ-ବୃଷଭ। ଚତୁର୍ଭୁଜା। ଡାହାଣପଟର ଉପରହସ୍ତ ଅଭୟ ମୁଦ୍ରା ଓ ନିମ୍ନ ହସ୍ତରେ ତ୍ରିଶୁଳ ଥାଏ। ବାମର ଉପର ହସ୍ତରେ ଡମ୍ବରୁ ଓ ନିମ୍ନ ହସ୍ତଟି ବରମୁଦ୍ରା। ଏହାଙ୍କ ବସ୍ତ୍ର ଓ ଅଳଙ୍କାର ସବୁ ଶୁଭ୍ର। ଦେବୀ ଶାନ୍ତରୂପୀ ଶୁଭଙ୍କରୀ।

*"ରେବେତ ବୃଷେ ସମାରଢ଼ା ଶ୍ୱେତାମ୍ବରୀ ଶୁଚିଃ।*
*ମହାଗୌରୀ ଶୁଭଂ ଦ୍ଦନ୍ଦ ମହାଦେବ ପ୍ରମୋଦଦା ॥"*

ନବମ ଦିବସରେ ମା' ସିଦ୍ଧଦାତ୍ରୀ ଭାବେ ପୂଜା ପାଆନ୍ତି। ସେ ସକଳ ସିଦ୍ଧିର ମୂଳ। ଏଣୁ ସିଦ୍ଧଦାତ୍ରୀ। ମାର୍କେଣ୍ଡୟ ପୁରାଣ ମତେ ସେ ଆଠ ପ୍ରକାର ସିଦ୍ଧପ୍ରଦାନ କରନ୍ତି। ଯଥା ଅଣିମା, ମହିମା, ଗାରିମା, ଲଘିମା, ପ୍ରାପ୍ତି, ପ୍ରାକାଭ୍ୟ, ଇଶିତ୍ୱ ଏବଂ ବଶିତ୍ୱ ଇତ୍ୟାଦି। ବ୍ରହ୍ମ ବୈବର୍ତ୍ତ ପୁରାଣରେ ଏସବୁନେଇ ଅଠରଟି ସିଦ୍ଧିର ଆଧାର। ଦେବୀଙ୍କର ବାହନ ସିଂହ। ସେ ଚର୍ତୁଭୁଜା, ପଦ୍ମଫୁଲ ଉପରେ ଆସୀନ। ଡାହାଣ ଉପର ହସ୍ତରେ ଗଦା ଓ ତଳ ହସ୍ତରେ ଚକ୍ର ଏବଂ ବାମପଟ ଉପର ହସ୍ତରେ ପଦ୍ମପୁଷ୍ପ ଓ ତଳହସ୍ତରେ ଶଂଖ। ମା' ସର୍ବସିଦ୍ଧିର ମୂଳ, ପରମପାଦର ଆଶ୍ରୟସ୍ଥଳ।

*"ସିଦ୍ଧ ଗନ୍ଧର୍ବଯକ୍ଷା ଧୌରସୁରୈରମରୈରପି*
*ସେବ୍ୟମାନା ସଦା ଭୂୟାତ୍ ସିଦ୍ଧଦା ସିଦ୍ଧିଦାୟିନୀ।*
*ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥"*

**—ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮**

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି



ପୂର୍ଣ୍ଣ ଭୂମି ଭାରତ। ଏଠାରେ ଅନେକ ଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କ ଉଦ୍ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା,ତ୍ୟାଗ ଓ ଅହିଂସାର ପଥ, ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜରାଟର ପୋରବନ୍ଦରଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ (କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତଲୀବାଈ। କାବା ଗାନ୍ଧିଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ। ପୁତଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବସାନ। କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତଲୀବାଈ ଥିଲେ ଧର୍ମପରାୟଣା, ସ୍ନେହବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହିସବୁ ସଦ୍‌ଗୁଣାବଳି ଦ୍ୱାରା ମୋହନ ଦାସ ପ୍ରଭାବିତ ହୋଇଥିଲେ। ସମୟକ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ୍ୟ, ଅହିଂସା ମହାମନ୍ତ୍ରରେ କାଶ୍ମୀରଠାରୁ କୁମାରିକାଯାଏ ଭାରତୀୟମାନଙ୍କୁ ଏକତ୍ରିତ କରିପାରିଥିଲେ। ଗାନ୍ଧିଙ୍କର ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠପଢା ଆରମ୍ଭ କଲେ। ତା'ପରେ ଗ୍ରାଂଟ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନଥିଲେ ମଧ୍ୟ ଉତ୍ତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର୍ ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତ୍ତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତ୍ତୀ ସମୟରେ ନିରାମିଷ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଉଥିଲେ। ମୁସଲମାନ ସାଙ୍ଗ ପ୍ରରୋଚନାରେ



ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରାବାଈଙ୍କ ସହିତ ନିର୍ବନ୍ଧ ଓ ତେରବର୍ଷ ବୟସରେ ବିବାହ ହୋଇଥିଲା। ପର ଅବସ୍ଥାରେ ସେ ବାଲ୍ୟବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ। ଛୋଟ ବେଳରୁ ମୋହନ ଖୁବ ଡରକୁଳା ଥିଲେ। ଭୂତପ୍ରେତ, ଚୋର, ଡକାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା' ରମ୍ଭାଠାରୁ ସେ ଶିକ୍ଷା କରିଥିଲେ। ସେହିଦିନଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟ କଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳିବା କଷ୍ଟ, ତେଣୁ ସେ ଲଣ୍ଡନ ଯାଇ ତିନିବର୍ଷରେ ବାରିଷ୍ଟରୀ ପାସ୍ କରି ଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦି'ଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥା'ନ୍ତି। ତେଣୁ ଗାନ୍ଧି ଲଣ୍ଡନରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା' ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁଇ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁବୁ ନାହିଁ। ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନିଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଂଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖିପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହା ମେ' ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମମାଟିକୁ ଫେରି ଅସିଲେ। ଜନ୍ମମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍କାର କଲେ। ବଡ଼ ଭାଇ ପରିବାର ପ୍ରତିପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣିଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟିପାରୁ ନଥିଲା। ଏହି ସମୟରେ କାଥିଆୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ। ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୂର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ସଭାଲର ରାଜଧାନୀ ପ୍ରିଟୋରିଆକୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲିଦେଲେ ଓ ଜିନିଷପତ୍ର ପ୍ଲାଟଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶୀତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ, ଅବହେଳିତ, ଅତ୍ୟାଚାରିତ, ସର୍ବହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରିଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରିତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟାତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲଠାରେ ନାଟାଲ କଂଗ୍ରେସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ। ଭାରତରୁ ଯେଉଁ ଶ୍ରମିକମାନେ ପାଂଚବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ, ପାଂଚବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କର ଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧ ହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରାମାନଙ୍କ ମଧ୍ୟରେ ଥିବା ବର୍ଣ୍ଣବୈଷମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣକର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲ ସରକାର ମୁଣ୍ଡ ନୁଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଚାରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରାମାନେ ପ୍ରଚାର କରିଦେବେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେନାହିଁ ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାନ୍ତି। ତା'ପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ରୁଣ୍ଡ ସେଷ୍ଟ୍ରକ ଘରକୁ ପଠାଇଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ରୁଷ୍ଟ୍ରଙ୍କ ଘରକୁ ଯିବା ସମୟରେ ଦୁଇ ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି.ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ। ଦକ୍ଷିଣ ଆଫ୍ରିକାରେ ଡ଼ଚ୍ ଓ ଇଂରେଜ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରି ଉଭୟ ଆହତ ସୈନିକମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ୍ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତାଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳକୃଷ୍ଣ ଗୋଖଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତ୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକଙ୍କୁ ନେଇ 'ଇଣ୍ଡିଆନ ଓପିନିୟନ' ନାମକ ପତ୍ରିକା ପ୍ରକାଶ କଲେ। ଡ଼ର୍ବାନଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିନିକ୍ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଆଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ। ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ 'ହିନ୍ଦ ସ୍ୱରାଜ' ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷ୍ୟତରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟଧାରା ଜନମାନସଙ୍କୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କୃଷକ ଓ କୃଷକାୟମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଲା। ଭାରତୀୟମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦ ହେଲା। ଭାରତୀୟମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ରୂପେ ପ୍ରତିପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଯେଉଁ ଭାଷଣ ଦେଇଥିଲେ, ସେହି ଓଜସ୍ୱିନୀ ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନପ୍ରିୟତା ବଢିଗଲା। ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇ ରହିବାକୁ ଇଛା କଲେ ନାହିଁ। ତେଣୁ ସେ ଗୁଜରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀକୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ। ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓକିଲ ବଲ୍ଲଭଭାଇ ପଟେଲ ବିବାହ କଲେନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗଦେଲେ। ସେହିପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ଅନୁଭବ କଲେ। ଜମିଦାରମାନଙ୍କ ସହିତ ଚୁକ୍ତିକରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟି ଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତାବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋରଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହିଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣମରା କାର୍ଯ୍ୟ କଲେ। ଏହି ଖବର ଗାଁଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକୁ ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକାଂଶରେ ଉଠିଗଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି 'ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ।' ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ହଣାକଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ, କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର। କଠୋରପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ଗଡ୍‌ସେ ତାଙ୍କୁ ଗୁଳିକଲେ। ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତ୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦିନ ପାଇଁ ଧରାପୃଷ୍ଠରେ ଅମର ହୋଇ ରହିଗଲେ।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫**




# ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୩ତମ ଜନ୍ମ ଜୟନ୍ତୀ ପାଳନ



ବାଲିଅନ୍ତା,(ପ.ଏନ): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୩ ତମ ଜନ୍ମ ଜୟନ୍ତୀ ଉତ୍ସବ ରବିବାର ଦିନ ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଗାନ୍ଧୀ ପଦଯାତ୍ରା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଡ ଅରବିନ୍ଦ ଢାଲୀ ଯୋଗ ଦେଇ ପ୍ରଥମେ ବାଲିଅନ୍ତା ବଜାର ନିକୁଞ୍ଜ ବିହାରୀ ପୀଠ ସ୍ଥିତ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀଜିଙ୍କ ଅହିଂସା ନୀତି ସମ୍ପର୍କରେ ଅଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସମାଜସେବୀ ସୌଦାମିନି ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ସେହିପରି ବାଲକାଟି ସ୍ଥିତ ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧି ସ୍ମୃତି ଟ୍ରଷ୍ଟ ପକ୍ଷରୁ ଆଇନଜୀବି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଗାନ୍ଧୀଙ୍କ ଜୀବନି ଉପରେ ବକ୍ତାମାନେ ନିଜ ନିଜ ଅଭିଭାଷଣ ରଖିଥିଲେ । ଗାନ୍ଧିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ ଅରବିନ୍ଦ ଢାଲୀ ଓ ସମ୍ମାନୀତ ଅତିଥିଭାରେ ପୂର୍ବତନ ସରପଂଚ ଭାଗ୍ୟଧର ନନ୍ଦୀ, ସମାଜସେବୀ ବେଣୁଧର ଭୋଇ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ,ବସନ୍ତ ସାହୁ, ଶୁଲୋଚନା ଭୋଇ, ଆଇନଜୀବି ସୁରେଶ କୁମାର ଦାସ, ଅଧାପକ ଡ କାଳନ୍ଦୀ ସାହୁ, ଅଧାପକ ପମୋଦ କୁମାର ସେଠୀ, ସୁଜିତ କୁମାର ବେହେରା, ପାର୍ଥ ସାରଥି ସେଠୀ, ପ୍ରମୁଖ ଯୋଗ ଦେଇଥିଲେ ।

## ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ

ରାଉରକେଲା, (ପି.ଏନ) : ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଜୀଙ୍କ ୧୫୩ତମ ଜୟନ୍ତୀ ଓ ଭାରତର ଦ୍ୱିତୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଲାଲବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସମବେତ ହୋଇ ପ୍ରଥମେ ପାନପୋଷ ସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ସଭାପତି ଶ୍ରୀ ବିହାରୀ କହିଲେ ଯେ, ଉଭୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସମସ୍ତେ ମିଳିମିଶି କାମ କଲେ ଦଳ ତୃଣମୂଳ ସ୍ତରରେ ସଙ୍ଗଠିତ ହୋଇପାରିବ । ପରେ ସିଭିଲ୍ ଟାଉନସିପ୍ ସ୍ଥିତ ଶାସ୍ତ୍ରୀଜୀଙ୍କ ପ୍ରତମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ସକାଳ ୧୦ଟା ବେଳେ ସେକ୍ଟର-୨୧ ସ୍ଥିତ କଂଗ୍ରେସ ଭବନ ଠାରେ ଗାନ୍ଧୀଜୀ ଓ ଶାସ୍ତ୍ରୀଙ୍କ ସ୍ମୃତିଚାରଣ ପୂର୍ବକୁ ଉଭୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ।

## ବୋନସ ମିଳିବା ଦାବିରେ ଗନ୍ଧମାର୍ଦ୍ଦନ ଓଏମ୍ସି ଖଣି କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନଙ୍କ ଧାରଣା

କେନ୍ଦୁଝର,(ପି.ଏନ): ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମର ଗନ୍ଧମାର୍ଦ୍ଦନ ଲୌହ ଖଣିରେ ଦୁର୍ଗାପୂଜା ପୂର୍ବରୁ ବୋନସ ନମିଳିବାରୁ ଗ୍ରୁପ-୪ ସିକ୍ୟୁରିଟି ଏଜେନ୍ସିର ସମସ୍ତ ଶ୍ରମିକମାନେ ଆଜିଠାରୁ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରତି ବର୍ଷ ଦୁର୍ଗାପୂଜା ପୂର୍ବରୁ ସମସ୍ତ ଠିକାଦାର ସଂସ୍ଥାମାନେ ସେମାନଙ୍କ ଦ୍ୱାରା ନିଯୁକ୍ତ ଶ୍ରମିକମାନଙ୍କୁ ଆଇନ ଅନୁସାରେ ବୋନସ ଦେଇଥାନ୍ତି । ଚଳିତବର୍ଷ ଏହି ବୋନସ ପୂଜା ପୂର୍ବରୁ ଦେବା ପାଇଁ ୟୁନିୟନ ତରଫରୁ ନୋଟିସ ପ୍ରଦାନ କରାଯାଇଥିଲା । ନିଗମ ନିଜସ୍ୱ କର୍ମଚାରୀ ଓ ଅନ୍ୟାନ୍ୟ ଠିକାଦାରମାନେ ବୋନସ ପେମେଣ୍ଟ କରି ଦେଇଥିଲେ ମଧ୍ୟ କେବଳ ଗ୍ରୁପ-୪ ସିକ୍ୟୁରିଟି ଏଜେନ୍ସି ତା'ର କର୍ମଚାରୀମାନଙ୍କୁ ବୋନସ ଦେବାରେ ବିଳମ୍ବ କରୁଛି ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ୍ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ୱାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ୍ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ପୁସ୍ତକ ପ୍ରୀତି ଏକ ଅଧାଲେଖା ଗୀତି ଲୋକାର୍ପଣ ଉତ୍ସବ




ବାଲିଅନ୍ତା,(ପି.ଏନ): ବାଲକାଟି ସ୍ଥିତ ମା ଦୁଲ୍ଲାଦେଇ ମନ୍ଦିର ପ୍ରାଙ୍ଗଣରେ ଶାନ୍ତିସେନା ପ୍ରକାଶ ପକ୍ଷରୁ ପ୍ରକାଶିତ ଓ ବିଶିଷ୍ଟ ଚଳଚ୍ଚିତ୍ର ସଂଳାପକାର ଡଃ ରଜନୀ ରଂଜନଙ୍କ ରଚିତ ଚଳଚ୍ଚିତ୍ର ଦିଦି ନମସ୍କାର ଚିତ୍ରନାଟ୍ୟର ପୁସ୍ତକ "ପ୍ରୀତି ଏକ ଅଧାଲେଖା ଗୀତି'' ରବିବାର ଅଷ୍ଟମୀ ତିଥିରେ ଲୋକାର୍ପଣ ହୋଇ ଯାଇଛି । ସମ୍ବାଦିକ ଦିଲିପ୍ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଅତିଶ ରାଉତ ମୁଖ୍ୟ ବକ୍ତା ବିଶିଷ୍ଟ କଥାକାର ଅଧପକ ଡ ଅଜୟ ସ୍ୱାଇଁ, ସମ୍ମାନୀତ ଅତିଥି ନାଟ୍ୟକାର ବିଜୟ ଦାସ ଯୋଗ ଦେଇ ପୁସ୍ତକ ଉପରେ ଅଭିଭାଷଣ ରଖିଥିଲେ । ଉତ୍ସବରେ ସମ୍ବାଦିକ ମାଧବ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ପୂର୍ଣ୍ଣଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାନ୍ତିସେନା ପ୍ରକାଶକ ରଜତରଶ୍ମି ସ୍ୱାଇଁ, ରଶ୍ମୀ ସାମଲ, ସମ୍ବାଦିକ ସୋମାନଥ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ କାହ୍ନୁ ଦାସ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ବରିଷ୍ଠ ସମ୍ବାଦିକ କିଶୋର ନାୟକ ସମେତ ବହୁ କଳାକାର, କବି ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥି ଓ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାମ୍ବାଦିକ ନିରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଷ୍ଟାବ୍ଲିସମେଣ୍ଟ ଅଫିସର ଚିତ୍ତରଞ୍ଜନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଏଷ୍ଟାବ୍ଲିସମେଣ୍ଟ ଅଫିସର ଚିତ୍ତରନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅତିରିକ୍ତ ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି ଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଡେପୁଟି କଲେକ୍ଟର ଗୌରୀ ନାୟକ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ସଦର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶ୍ରୀ ଦାସଙ୍କର କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତିତା ଏବଂ ସଚ୍ଚୋଟତା ପାଇଁ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ । ସେ ଆମ ସମସ୍ତଙ୍କର ମୁରବୀ ଭାବେ କାର୍ଯ୍ୟ କରୁଥିଲେ । ସମ୍ମାନୀତ ଅତିଥି ଭାବେ ବାଂଶପାଳ ତହସିଲଦାର ସପନ ସାହୁ ସେବା ମନୋବୃତ୍ତିରେ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ଶ୍ରୀ ଦାସ ଙ୍କୁ ପ୍ରଶଂସା କରିଥିଲେ । ଡେପୁଟି କଲେକ୍ଟର ଗୌରୀ ନାୟକ ଶ୍ରୀ ଦାସଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଅବସର ଜୀବନ ସୁଖମୟ ପାଇଁ ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଆସିଷ୍ଟାଣ୍ଟ କଲେକ୍ଟର ରଶ୍ମିତା ସ୍ୱାଇଁ,ବରିଷ୍ଠ କିରାଣୀ ପ୍ରଦୀପ ନାୟକ,ସଚ୍ଚିନ ପଣ୍ଡା,ସୋନାଲି ମହାପାତ୍ର,ନମିତା ଜେନା,ଦୀପ୍ତିମୟୀ ଦାସ,ବ୍ୟୋମକେଶ ନାୟକ,ଶ୍ୟାମ ତାରଭେଜ,ଜନ୍ମେଜୟ ଶତପଥି ତାଙ୍କର ଗୁଣଗାନ କରିବା ସଂଗେ ସଂଗେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନର ବାର୍ଷିକ ଉତ୍ସବ : ଭାରତୀୟ ମୁକ୍ତି ସଂଗ୍ରାମରେ ସାମ୍ବାଦିକଙ୍କ ଅବଦାନ ଅତୁଳନୀୟ




ବ୍ୟାସନଗର,(ପି.ଏନ): ସକାରାତ୍ମକ ଓ ସତ୍ୟନିଷ୍ଠ ଖବର ପରିବେଶଣ ସାମ୍ବାଦିକମାନଙ୍କ ଧ୍ୟେୟ ହେଉ । ଅପରପକ୍ଷେ ସରକାର ସାମ୍ବାଦିକ ସୁରକ୍ଷା ଯଥାଶୀଘ୍ର ଲାଗୁ କରନ୍ତୁ । ସାମ୍ବାଦିକମାନେ ସଂକୀର୍ଣତାର ଉର୍ଦ୍ଧ୍ୱରେ ରହି ସାଂଗଠନିକ ରଜ୍ଜୁରେ ଏକ ହେଲେ ସବୁ ସମ୍ଭବ ହେବ । ମନ ବିବେକରେ ଲଗାମ ଲଗାଇବା ସହିତ ସତ୍ୟ ଶିବ ସୁନ୍ଦର କୁ ଆଧାର କରି ବୈଚାରିକ କ୍ଷେତ୍ର ରୁ ସମ୍ବାଦ ପରିବେଶଣ ହେଲେ ତାହା ସମାଜ ପାଇଁ ମଂଗଳମୟ ହେବ । ୧୯୯୦ ରେ ସମ୍ବାଦପତ୍ର ଜଗତୀକରଣ ପରେ ସାମ୍ବାଦିକତାରେ ଘୋର ସଂକଟ ସୃଷ୍ଟି ହୋଇଛି । ଭାରତର ମୁକ୍ତି ସଂଗ୍ରାମରେ ତତ୍କାଳୀନ ସାମ୍ବାଦକଙ୍କ ଭୂମିକା ଅତୁଳନୀୟ ହୋଇଥିବାବେଳେ ତାଙ୍କୁ ଅନୁସରଣ କରିବା ସମସ୍ତ କାର୍ଯ୍ୟରତ ସାମ୍ବାଦିକଙ୍କ ଧ୍ୟେୟ ହେଉବୋଲି ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି । ହୋଟେଲ ବ୍ରାହ୍ମଣୀ ପରିସରରେ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସଂଘର ସଭାପତି ହାରାଧନ ବାନାର୍ଜୀ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ ।ସଂଘର ବରିଷ୍ଠ ଉପଦେଷ୍ଟା ଉଦୟନାଥ ଖଣ୍ଡାଇ ଅତିଥିମାନଙ୍କୁ ମଂଚ଼କୁ ନିମନ୍ତ୍ରଣ କରିଥିବାବେଳେ ଉପ ସଭାପତି ଉମାକାନ୍ତ ରାଉତ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିବାବେଳେ ମୁଖ୍ୟ ବକ୍ତାଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସମ୍ମାନୀତ ଅତିଥିଭାବେ କଳିଂଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଷ୍ଟେଟ୍ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲା ଆଥେଲେଟିକ୍ ଆସୋସିଏସନର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଖବରକାଗଜର ଇତିହାସ, ସାମ୍ବାଦିକ ମାନଙ୍କର ସମାଜ ପ୍ରତି ଦାୟିତ୍ୱ ଓ କର୍ତବ୍ୟ ଉପରେ ଆଲୋକପାତ କରିଥିଲେ । । ଅବସରରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲଙ୍କ ମୋ ଲେଖାରେ ମୁଁ ପୁସ୍ତକଟିକୁ ଅତିଥିମାନେ ଉନ୍ମୋଚ଼ନ କରିଥିଲେ । ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ବର୍ଷିଆନ୍ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରୀଶଙ୍କର ଷଡଙ୍ଗୀ, ଯୁବ ଶିଳ୍ପ ?ଦ୍ୟୋଗୀ ଓ ସମାଜସେବୀ ରାକେଶ କୁମାର ରାଉତ, ସମାଜସେବୀ ନରେଶ କୁମାର ମସ୍କରା, ସଫଳ ବ୍ୟବସାୟୀ ଚିନ୍ମୟ କୁମାର ପୃଷ୍ଟିଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରଯାଇଥିଲା । । ଆଜିର ଉତ୍ସବକୁ ଶରତ କୁମାର ପଥାଳ, ଦୁଷ୍ମନ୍ତ କୁମାର ରାଉତ, ଅଭିମନ୍ୟୁ ମିଶ୍ର, ପବିତ୍ର ରଂଜନ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ଜ୍ଞାନରଞ୍ଜନ ରାଉତ, ଦେବେନ୍ଦ୍ର ନାୟକ, ସୁଦୀପ୍ ମିଶ୍ର, କୈଳାସ ରାଉତ, ବିଶ୍ୱରଂଜନ ପଟ୍ଟନାୟକ, ଯଜ୍ଞଦତ୍ତ ତ୍ରିପାଠୀ, ଭରତ ରାଉତ, ପ୍ରଶାନ୍ତ କୁମାର ପାତ୍ର, ଜଗଦୀଶ ମଟାଣିଆ ସମେତ ସମସ୍ତ ସଦସ୍ୟ ଯୋଗଦେଇ ପରିଚ଼ାଳନା କରିଥିଲେ । ବରିଷ୍ଠ ସାମ୍ବାଦିକ ସଂଗ୍ରାମ ସିଂହ, ସୁକାନ୍ତି ରାଉତ, ଜିଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ, ସଂପାଦକ ଅବିନେଶ୍ୱର ଶତପଥିଙ୍କ ସମେତ ଯାଜପୁର ଜିଲାର ବିଭିନ୍ନ କୋଣ ଅନୁକୋଣରୁ ସାମ୍ବାଦିକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସହରର ବୁଦ୍ଧିଜୀବୀ, ଜନ ପ୍ରତିନିଧି,ବରିଷ୍ଠ ନାଗରିକ, ନାରୀନେତ୍ରୀ, ସାହିତ୍ୟିକ, ଆଇନଜୀବୀ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ସଫଳ କରିଥିଲେ । ଶେଷରେ ଉପ ସଭାପତି ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଙ୍କଞ୍ଚଙ୍କକ୍ଟଶ୍ଵ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## ଆନନ୍ଦପୁରରେ ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଶାଳପଡା ସ୍ଥିତ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । କେନ୍ଦୁଝର ଜିଲ୍ଲାର ବନ୍ୟପ୍ରାଣୀ ବନଖଣ୍ଡ ଆନନ୍ଦପୁର ବନଖଣ୍ଡର ଅଧିକାରୀ ଅଭୟ କୁମାର ଦଳେଇ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ଏହି ରଥ ଆନନ୍ଦପୁର ଉପଖଣ୍ଡର ୪ ଗୋଟି ରେ ଯଥା ବ୍ରାହ୍ମଣିପାଳ, ଦେଓଗାଁ, ଆନନ୍ଦପୁର ଓ ହଦଗଡ ଅଭୟାରଣ୍ୟର ବିଭିନ୍ନ ଅଂଚଳ ଭ୍ରମଣ କରିବା ସହିତ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ସମ୍ପର୍କିତ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ଥିବାବେଳେ ଏହା ସାଧାରଣରେ ଖୁବ୍ ଆଦୃତରେ ଜୀବଜନ୍ତୁ ସୁରକ୍ଷା କରିବା ସହିତ ପରିବେଶକୁ ସୁନ୍ଦର ରଖିବା ଶପଥ ନେଇ ଆମ ପରିବେଶକୁ ସୁନ୍ଦର ସରସ କରିବା ଏହାର ମୂଳ ଲକ୍ଷ୍ୟ ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷଶ୍ବ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଶ୍ବ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।




# ସବୁଜିମାର ଜୀବନ



ପ୍ରକୃତିକୁ ମା' ସହ ତୁଳନା କରାଯାଇଥାଏ। ମଣିଷ ଜୀବନର ପ୍ରତିଟି ଜୀବନ, ପ୍ରତିଟି କ୍ଷଣ ସର୍ବଂସହା ପ୍ରକୃତି ସହ ଜଡ଼ିତ। ଜଣେ ପ୍ରକୃତିର କୋଳରେ ହିଁ ସୁରକ୍ଷିତ କିନ୍ତୁ ବିଭିନ୍ନ ଭାବରେ ପ୍ରକୃତି ଆଜି ଯେଉଁପରି ଭାବରେ ଉଦ୍‌ବେଗଜନକ ସ୍ଥିତିରେ ଅବକ୍ଷୟର ଶିକାର ହେଉଛି ତାହା ହିଁ ଆଜି ସମୟ ପାଇଁ ବଡ଼ ଆହ୍ୱାନ। ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି, ବିଭିନ୍ନ ଆନ୍ଦୋଳନ ବି ନୂଆ ନୂଆ ସ୍ଲୋଗାନ ନେଇ କାର୍ଯ୍ୟ କରୁଛନ୍ତି ତଥାପି ଦେଖାଯାଉଛି ପ୍ରକୃତିର ଅବକ୍ଷୟ ପାଇଁ ଆମ ସମସ୍ତଙ୍କ ଭିତରେ ଯେଉଁ ପରିମାଣର ଆବେଗ, ଦାୟିତ୍ୱବୋଧତା ଓ ଭଲପାଇବା ରହିବା କଥା ତାହା ସମ୍ଭବତଃ ଯଥାର୍ଥ ହୋଇପାରୁନାହିଁ। ଆଜିର ଅବକ୍ଷୟମୁଖୀ ପ୍ରକୃତିକୁ ରକ୍ଷା କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାର (ଚଳିତବର୍ଷ ଅକ୍ଟୋବର ୩)କୁ ୱାର୍ଲ୍ଡ ହାବିଟାଟ୍ ଡେ ବିଶ୍ୱ ପ୍ରାକୃତିକ ବାସ ଦିବସ ଭାବରେ ପାଳନ କରାଯାଉଛି। ୧୯୮୫ ଡିସେମ୍ବରରେ ମିଳିତ ଜାତିସଂଘ ସାଧାରଣ ପରିଷଦର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାରକୁ ୱାର୍ଲ୍ଡ ହାବିଟାଟ୍ ଡେ ଭାବରେ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ୧୯୮୬ରୁ ଏ ପର୍ଯ୍ୟନ୍ତ ଠିକ୍ ସେହିଦିନ ଏହି ଦିବସକୁ ପାଳନ କରାଯାଉଛି। ପ୍ରକୃତିର ସବୁଜିମା ପରିବେଶ ଭାରି ମନୋରମ। କିନ୍ତୁ ଆଜିକାଲି ଏହା ଅନେକ ଜାଗାରେ ସ୍ୱପ୍ନ ପାଲଟି ଗଲାଣି। ମଣିଷ ଆଦିମ ଅବସ୍ଥାରେ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ଚାଷ କରି ଶିଖିଲା। ସମୟ ସହ ତାଳ ମିଳାଇ ନିଜ ପାଇଁ ମାନବ ସମାଜ ରହିବାକୁ ଯେଉଁ ପ୍ରଣାଳୀ ଅବଲମ୍ବନ କରୁଛି ତାହା ଦ୍ୱାରା ପ୍ରକୃତି କ୍ଷତିଗ୍ରସ୍ତ ହେଉଛି। ସହରୀକରଣ ତାହାର କାୟା ବିସ୍ତାର କରି ଚାଲିଛି। ତା'ସହ କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କଟାଯାଉଛି। ଫଳରେ ଜଙ୍ଗଲ କ୍ଷୟ ହେବା ସହ ଅନେକ ପଶୁପକ୍ଷୀ ବାସହରା ହେଉଛନ୍ତି। ଏଥିପାଇଁ କେତେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ତ ଆଉ କେତେକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି। ମଣିଷ ସିନା ବଞ୍ଚି ଯାଉଛି ହେଲେ କଙ୍କ୍ରିଟ ଜଙ୍ଗଲ ପାଇଁ ସବୁଜିମା ପରିବେଶର କେତେ କ୍ଷତି ହେଉଛି ତାହା ବିଚାରସାପେକ୍ଷ। କଳକାରଖାନା ଚାଲିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯିବ ଏବଂ ତା'ସହ ପ୍ରକୃତିର ସେହି ସବୁଜ ବଳୟ କିପରି ପ୍ରଭାବିତ ହେବନାହିଁ ସେ ନେଇ ଚିନ୍ତା କରିବାର ସମୟ ଆସିଛି। ଏହି ଦିବସ ପାଳନ ଅବସରରେ ପ୍ରାକୃତିକ ବାସ କିପରି ସୁରକ୍ଷିତ ରହିବ ସେ ସେଇ ଜନସଚେତନତା ସୃଷ୍ଟି କରାଯାଇଥାଏ। ଯଦି ଏହା ପ୍ରତି ନଜର ଦିଆ ନଯାଏ ତେବେ ସମୟ ଆସିବ ପ୍ରକୃତିର ଏହି ସବୁଜିମା ବଳୟ ସବୁଦିନ ପାଇଁ ଲୋପ ପାଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବର୍ତ୍ତମାନ ମଣିଷ ସାମଗ୍ରିକ ବିକାଶ ପାଇଁ ଯେଉଁ ଅଭିବୃଦ୍ଧି ଓ ବିକାଶର ଗତିରେ ଚାଲୁଛି ତାହା ନିଶ୍ଚିନ୍ତ ତାହାର ଦାୟିତ୍ୱବୋଧତା କିନ୍ତୁ ଏହା ସହ ପ୍ରକୃତିର ସଂରକ୍ଷଣ ଓ ଏହାର ସୁରକ୍ଷା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ଯାହା ରହିଛି ତାହା ଏହି ଦିବସ ଠାରୁ ବାସ୍ତବରେ ପରିଣତ ହୋଇ କିଛିଟା କାର୍ଯ୍ୟକାରୀ ହୋଇପାରିଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପୂରଣ ହୋଇପାରିବ।

**ଗୋପୀନାଥ ଦାଶ**, ବରଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭

# ଚିତ୍ତରଞ୍ଜନ ଦାସ



ପ୍ରଫେସର ଚିତ୍ତରଞ୍ଜନ ଦାସ ଜଣେ ସୁପ୍ରସିଦ୍ଧ ସାହିତ୍ୟିକ, ଶିକ୍ଷାବିତ୍ ଓ ସମାଜସେବୀ। ହାଇସ୍କୁଲ ଶିକ୍ଷକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଚିତ୍ତରଞ୍ଜନ, ନିଜର ଅସାଧାରଣ ମେଧା-ଶକ୍ତି ଓ ପ୍ରଜ୍ଞା ବଳରେ ସବୁ କ୍ଷେତ୍ରରେ ସଫଳତାର ଶୀର୍ଷ ଛୁଇଁଥିଲେ। ୧୯୪୨ରେ ସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ପଢ଼ା ଛାଡ଼ିଥିଲେ। ସୁରେନ୍ଦ୍ର ନାଥ ଦ୍ୱିବେଦୀ ଥିଲେ ତାଙ୍କ ସଂଗ୍ରାମୀ ଜୀବନର ରାଜନୈତିକ ଗୁରୁ। ବ୍ରିଟିସ ବିରୋଧୀ କାର୍ଯ୍ୟକଳାପରେ ସାମିଲ ହୋଇ ଗିରଫ ହୋଇଥିଲେ। ଏଥିପାଇଁ ତାଙ୍କୁ ଦେଢ଼ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା। ଜେଲ ରହଣି କାଳରେ ସେ ଅସଂଖ୍ୟ ବହି ପଢ଼ି ନିଜକୁ ସୁଗଠିତ କରିବାରେ ସଫଳ ହୋଇଥିଲେ। ଜେଲରୁ ମୁକୁଳିବା ପରେ ସେ ଉଚ୍ଚ ଶିକ୍ଷା ପାଇଁ ଯାଇଥିଲେ ଶାନ୍ତିନିକେତନ ସେଠାରୁ ଡେନମାର୍କର କୋପେନହେଗେନ୍ ଯାତ୍ରା ଓ ମନୋବିଜ୍ଞାନ ଅଧ୍ୟୟନ। ପ୍ରାୟ ଚାରି ବର୍ଷ ବିଦେଶରେ କଟିଥିଲା। ଏହି ସମୟ ମଧ୍ୟରେ ଏକାଧିକ ବିଦେଶୀ ଭାଷା ଶିକ୍ଷା କରିଥିଲେ। ସ୍ୱଦେଶ ଫେରିବା ପରେ ଅନୁଗୋଳର ଚମ୍ପତିମୁଣ୍ଡାରେ ସ୍ଥାପିତ ଜୀବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। କବିତା, ଭ୍ରମଣ ସାହିତ୍ୟ, ଅନୁବାଦ ସାହିତ୍ୟ, ଶିଶୁ ସାହିତ୍ୟ, ପ୍ରବନ୍ଧ ଓ ରାମ୍ୟ ରଚନା, ଆଲୋଚନା ତଥା ଗବେଷଣା ଉପରେ ଦୁଇ ଶହରୁ ଅଧିକ ପୁସ୍ତକ ସେ ରଚନା କରିଛନ୍ତି। ମିତ୍ରସ୍ୟ ଚକ୍ଷୁସା ତାଙ୍କର ଆତ୍ମଚରିତ। ଜୀବନ ବିଦ୍ୟାଳୟ ପାଇଁ ୧୯୬୧ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଓ ଓଡ଼ିଶା ପାଇଁ ୧୯୮୯ରେ ଶାରଳା ଏବଂ ବିଶ୍ୱକୁ ଗବାକ୍ଷ ପାଇଁ ୧୯୯୮ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଦ୍ୱାରା ସେ ସମ୍ମାନିତ। ୧୯୨୩ ଅକ୍ଟୋବର ଆଜିର ଦିନରେ କଟକ ଜିଲ୍ଲା ଅନ୍ତର୍ଗତ ବାଗଲପୁର ଗ୍ରାମରେ ଚିତ୍ତରଞ୍ଜନ ଦାସ ଜନ୍ମ ଗ୍ରହଣ କରିଥିଲେ।

**ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

## ଓଡିଶା ସୀମା ସମସ୍ୟା: ଛତିଶଗଡ ଭୁଲ ସ୍ୱୀକାର କଲା, ଆନ୍ଧ୍ର ଓ ପଶ୍ଚିମବଙ୍ଗ କେବେ ?

ଭୁବନେଶ୍ୱର (ପିଏନ୍): ନିକଟରେ ଛତିଶଗଡର ଚିନ୍ତଲନାଡବାସୀ ଓଡିଶା ଭିତରେ ପଶି ଶହ ଶହ ଗଛ କାଟିଦେବା ପରେ ୩ କିଲୋମିଟର ଅଞ୍ଚଳକୁ ସଫା କରି ସେହି ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇ ଦେବା ପାଇଁ ଚେଷ୍ଟା କରୁଥିଲେ। ଏହି ଖବର ଆମ ବନ ବିଭାଗ ଓ ତହସିଲଦାରଙ୍କୁ ମିଳିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଦୁଇ ରାଜ୍ୟର ଅଧିକାରୀ ଏବଂ ଚିନ୍ତଲନାଡ ଓ କମାରପାଲୀର ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଚିନ୍ତଲନାଡ ଗ୍ରାମବାସୀ ଓଡିଶା ଭିତରେ ପଶି ଗଛ କାଟିବା ସହିତ ନିଜ ରାଜ୍ୟରେ ମିଶାଇବାକୁ ଚେଷ୍ଟା କରୁଥିଲେ ବୋଲି ମାନିବା ସହ ଏହା ତାଙ୍କର ଭୁଲ ଥିଲା ବୋଲି ସ୍ୱୀକାର କରିଥିଲେ ଓ ଆଗକୁ ଏମିତି ହେବ ନାହିଁ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଛତିଶଗଡରେ ଆପୋଷ ଆଲୋଚନା ହେବା ଦ୍ୱାରା ସୀମା ବିବାଦ ଟଳି ଯାଇଥିବାରୁ ଉତ୍କଳ ସମ୍ମିଳନୀ ଏହାକୁ ସ୍ୱାଗତ କରିବା ସହିତ ଏହିଭଳି ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗ କେବେ ନିଜ ଭୁଲ ସ୍ୱୀକାର କରିବେ ଓ ଆଗକୁ ଏଭଳି ହେବନାହିଁ ବୋଲି ପ୍ରତିଶ୍ରୁତି ଦେବାପାଇଁ ଉତ୍କଳ ସମ୍ମିଳନୀ ପ୍ରଶ୍ନ କରିଛି । ଓଡିଶା ସୀମା ଭିତରେ ୩ କିଲୋମିଟର ଜଙ୍ଗଲ କଟା ହେଲା ଓ ଏହା କେହି କିପରି ଜାଣିପାରିଲେ ନାହିଁ ବୋଲି ଆଶ୍ଚର୍ଯ୍ୟ ପ୍ରକଟ କରି ଏହାଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଜେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି।

# ଶକ୍ତି ରୂପେଣ ସଂସ୍ଥିତା...

*"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା*
*ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।"*



ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଳୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା



ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏହି ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ। ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-



ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୂତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା



ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏହି ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

**—ଡକ୍ଟର ମନୋରଞ୍ଜନ ବିଷୋୟୀ**

*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର- ୭୬୦୦୦୭, ଫୋନ୍: ୮୮୯୫୧୪୧୭୨୭*


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି......


ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଆଦିଶକ୍ତି ଜଗଦମ୍ବାଙ୍କ ପରମକୃପା ଲାଭ କରିବା ନିମନ୍ତେ ଶାରଦୀୟ ନବରାତ୍ରୀର ଦୁର୍ଗାଷ୍ଟମୀ ଏବଂ ମହାନବମୀ ପୂଜା ବିଶେଷ ମହତ୍ତ୍ୱ ରଖିଥାଏ। ଏହି ଦୁଇଦିନ କରାଯାଉଥିବା ପୂଜା କଲ୍ୟାଣକାରୀ ଶୁଭ ଏବଂ ମନୋବାଞ୍ଛିତ ଫଳଦାନକାରୀ ହୋଇଥାଏ। ଏହି ଦୁଇ ଦିନ ଦୁର୍ଗା ପୂଜା ଦ୍ୱାରା ଭକ୍ତର ଜୀବନରୁ ସମସ୍ତ କ୍ଲେଶ ଦୂର ହୋଇଥାଏ। ମାତାଙ୍କ ଉପାସନା ଦ୍ୱାରା ଗୃହସ୍ଥ ମନୁଷ୍ୟର ଜୀବନରେ ଧନ, ଐଶ୍ୱର୍ଯ୍ୟ, ପତ୍ନୀ, ପୁତ୍ର-ପୌତ୍ର ଏବଂ ସ୍ୱାସ୍ଥ୍ୟ ଆଦି ସମ୍ପତ୍ତି ଆସିଥାଏ। କେବଳ ସେତିକି ନୁହେଁ ଅଷ୍ଟମୀ ଏବଂ ନବମୀ ପୂଜାର ପୁଣ୍ୟ ବଳରେ ମନୁଷ୍ୟର ଜୀବନରୁ ରୋଗ, ମହାମାରୀ, ବନ୍ୟା, ଦୁର୍ଭିକ୍ଷ, ଶତ୍ରୁ ଭୟ ଭଳି ବିପଦ ଦୂର ହୋଇଥାଏ। ସେଥିପାଇଁ ଏହି ଦୁଇ ଦିନ ମା'ଦୁର୍ଗାଙ୍କ ଶ୍ରଦ୍ଧାର ସହକାରେ ଆରାଧନା କରିବା ଉଚିତ। ଏହି ପୂଜା କେବେ ନିଷ୍ଫଳ ହୁଏନାହିଁ। ଏହି ପୂଜା ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ। ନବରାତ୍ରୀ ଶବ୍ଦ, ନଅଟି ଅହୋରାତ୍ରର ବୋଧ କରାଇଥାଏ। ଏହି ସମୟରେ ଦେବୀ ଶକ୍ତିଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯାଇଥାଏ। ରାତ୍ରୀ ଶବ୍ଦର ଅର୍ଥ ସିଦ୍ଧିକୁ ବୁଝାଇଥାଏ। ଉପାସନା ଏବଂ ସିଦ୍ଧି ନିମନ୍ତେ ଦିନ ଠାରୁ ରାତ୍ରୀ ସମୟର ଅଧିକ ମହତ୍ତ୍ୱ ରହିଛି। ସେଥିପାଇଁ ଅଧିକାଂଶ ପର୍ବପର୍ବାଣୀ ରାତ୍ରୀରେ ହିଁ ପାଳନ କରାଯାଇଥାଏ। ଏହି ପର୍ବରେ ବିଶେଷ ସିଦ୍ଧି ହାସଲ ହେଉଥିବାରୁ ନବରାତ୍ରୀର ଅନେକ ମହତ୍ତ୍ୱ ରହିଛି। ମାତା ଶକ୍ତିଙ୍କୁ ଏହି ପବିତ୍ର ପୁଣ୍ୟମୟ ଅବସରରେ ଧ୍ୟାନ କରିବା ଉଚିତ। ନବରାତ୍ର ଆମ ଶରୀର ଏକ ଉପକ। ଆମ ଶରୀରରେ ନଅଟି ଦ୍ୱାର ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଏହା ଭିତରେ ରହିଥିବା ଜୀବନୀ ଶକ୍ତିର ନାମ ଦୁର୍ଗା। ମନୁଷ୍ୟ ଶରୀରରେ ଥିବା ମୁଖ୍ୟ ଇନ୍ଦ୍ରିୟଗୁଡ଼ିକୁ ଅନୁଶାସନ, ସ୍ୱଚ୍ଛତା ଏବଂ ପାରସ୍ପରିକ ସାମଞ୍ଜସ୍ୟ ଆଣିବା ନିମନ୍ତେ ନବରାତ୍ର ପର୍ବ ଉତ୍ତମ ଅବସର ଆଣିଥାଏ। ଏହି ନଅ ଦିଅ ମନୁଷ୍ୟର ମନ ଏବଂ ଆତ୍ମା ଶୁଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। କାରଣ ଏହି ସମୟରେ ଦେବୀ ଦୁର୍ଗା ଭକ୍ତ ଉପରେ ନିଜର ଶୁଭ ଦୃଷ୍ଟି ରଖିଥାଆନ୍ତି।

ପିଲାଟିଏ ମା' ପାଖରେ ଅଳି କରେ। ବାପା ଅପେକ୍ଷା ମା' ପାଖରେ ସହଜରେ ସେ ନିଜର ସବୁ ସୁବିଧା ଅସୁବିଧା ଜଣାଇ ପାରେ। ଏଇଟା ଦରକାର, ସେଇଟା ମୋର ଦରକାର ବୋଲି ମନଖୋଲି କହିପାରେ। ମା'ମନରେ କୌଣସି ଆବିଳତା ନରଖି ତାକୁ ଆଦର କରେ, ପରାମର୍ଶ ଦିଏ। ନିଜ ସାଧ୍ୟମତେ ସନ୍ତାନକୁ ସବୁ ସୁଖସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରେ। ପୁଣି ଆବଶ୍ୟକ ପଡ଼ିଲେ ନିଜ ପଣତକାନିରେ ତାକୁ ଘୋଡେଇ ପକାଇ ଶତ୍ରୁପକ୍ଷ ସାମ୍ନାରେ ନିଜକୁ ରଖେ। ରଣ ହୁଙ୍କାର ଦିଏ ମୋତେ ସାମ୍ନା କର, ମୋ ପିଲାକୁ ନୁହେଁ। ଏପରିକି ମା'ପିଲା ପାଇଁ ମାନ ଅପମାନକୁ ବି ସହିପାରେ ତାର ଅମାପ ଧୈର୍ଯ୍ୟ ଶକ୍ତି ବଳରେ। କିନ୍ତୁ କେହି ଯଦି ତା'ର କିମ୍ବା ଅନ୍ୟର ନାରୀତ୍ୱ ପ୍ରତି ଲୋଲୁପ ଦୃଷ୍ଟି ପକାଏ ସେ ସନ୍ତାନ ହେଲେ ବି କ୍ଷମା ଦେଇପାରେ ନାହିଁ। ଦରକାର ପଡ଼ିଲେ ସେ ହୁଏ ରଣଚଣ୍ଡୀ। ତାକୁ ନିପାତ କରିବାକୁ ବି ପଛାଇ ଯାଏନାହିଁ। ଏହା ହିଁ ତ ମହିଷାସୁର ବଧ ପଛର ମୂଳକଥା। ମହିଷାସୁରର ଅତ୍ୟାଚାରରେ ଜଗତ ତ୍ରାହି ତ୍ରାହି ଡାକୁଥିଲା। ଦେବତା ବି ଏଥିରୁ ବର୍ତ୍ତି ପାରିଲେ ନାହିଁ। ସେମାନଙ୍କୁ ଦାସାନୁଦାସ କରି ଆସ୍ପର୍ଦ୍ଧା ଦେଖାଇ ଚାଲିଥିଲା। ଏହି ଆସ୍ପର୍ଦ୍ଧା ତାର ସୀମା ଅତିକ୍ରମ କଲା। କ୍ଷମତା ତଥା ପରାକ୍ରମ ବଳରେ ସେ ନାରୀ ଭୋଗ ଆଡ଼କୁ ମୁହାଁଇଲା। ଯେଉଁ ଆସ୍ପର୍ଦ୍ଧାକୁ ସହ୍ୟ କରିନଥିଲେ ମା'ଦୁର୍ଗା। ନିଜେ ଓହ୍ଲାଇ ଆସିଲେ ଏହି କଳୁଷରୁ ଜଗତକୁ ଉଦ୍ଧାର କରିବା ପାଇଁ। ନିଜେ ଧାରଣ କଲେ ମୋହିନୀ ରୂପ। ଚଣ୍ଡୀଚାମୁଣ୍ଡାଙ୍କୁ ସଖୀ କରି ବିଚରଣ କଲେ ମହେନ୍ଦ୍ର ପର୍ବତରେ। ମହାମାୟୀଙ୍କ ମହାମାୟାରେ ଯେତେବେଳେ ସଚରାଚର ବଶୀଭୂତ, ସେତେବେଳେ ଛାର ମାତ୍ର ମହିଷାସୁର। ଦର୍ପୀ ମହିଷାସୁର ଖବର ପାଇଲା ଯେ କେହି ଜଣେ ଅତିବ ସୁନ୍ଦରୀ ନାରୀ ଆତଯାତ ହେଉଛନ୍ତି। ତାଙ୍କୁ ସାଦରେ ନିମନ୍ତ୍ରଣ କରି ଆଣିବା ପାଇଁ ନିଜର ସହଚରମାନଙ୍କୁ ପଠାଇଲା। ସହଚର ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭଙ୍କୁ ଦେବୀ ସାମାନ୍ୟତମ କୌଶଳ ପ୍ରୟୋଗ କରି ନିପାତ କଲେ। ସେହି ନାରୀ ଯେ ସାମାନ୍ୟ ନୁହେଁ, ଜାଣିପାରି ମଧ୍ୟ ମାୟାଗ୍ରସ୍ତ ମହିଷାସୁର ନିଜକୁ ଅଟକାଇ ପାରିଲାନି। ନିଜେ ଗଲା ଦେବୀଙ୍କ ନିକଟକୁ। ସର୍ବଶକ୍ତିର ସମାହାର ଦେବୀ ଦୁର୍ଗା ନିଜର ମୋହିନୀ ଶକ୍ତି ପ୍ରୟୋଗ କରି ଆହୁରି ମୋହଗ୍ରସ୍ତ କରି ମହିଷାସୁରକୁ ପ୍ରଥମେ ଶକ୍ତିହୀନ କରିଦେଲେ। ଦୁର୍ବଳ ମହିଷାସୁର ଛାତିରେ ମା'ତ୍ରିଶୂଳ ଭେଦ କଲେ। ତାର ବଧ ସହିତ ଜଗତବାସୀ ଆଶ୍ୱସ୍ତ ହେଲେ। ଏହା ଆମକୁ ଚେତାଇ ଦିଏ ଯେ, ଅତିଶୟ କାମନା ଅତି ବଳବାନକୁ ବି ଶକ୍ତିହୀନ ବିବସ କରିପକାଇବାକୁ ଯଥେଷ୍ଟ। ଆଜିର ଭୋଗବାଦୀ ଦୁନିଆରେ ଅତିଶୟ କାମନାବାସନାର ରାଜତ୍ୱ। ଏହାର କବଳରେ ପଡ଼ି ନିଜର ହିତାହିତ ଜ୍ଞାନକୁ ଭୁଲି ଯାଉଛନ୍ତି ଅନେକେ। ଯେଉଁଥି ପାଇଁ ପାଶବିକ କାର୍ଯ୍ୟକଳାପ ବଢ଼ିଚାଲିଛି, ନାରୀ ନିର୍ଯାତିତ ହେଉଛି। ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ। ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ। ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ। ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥାଇ ମହିଷାସୁର ପାଲଟିବା ହିଁ ସାର ହେବ। ଯାହା ଆଜିର ଦୁନିଆରେ ଦେଖାଯାଉଛି। ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା। ମହିଷାସୁର - ନିର୍ଣ୍ଣାଶୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି। ଦ୍ୱିଷୋ ଜହି।

କନସଲ୍‌ଟାଣ୍ଟ ରେଡ଼ିଓଲୋଜିଷ୍ଟ,
ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ନବରାତ୍ର ଓ ମାତୃଶକ୍ତି ପରମ୍ପରା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି ।

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଶ୍ରୀ ଶ୍ରୀ ଠାକୁର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା।

ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା। କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୃଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିଷ୍ଣୁଷ୍ଟତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା' ଆସିଛନ୍ତି, ପୁତୁଳା ପରି ତାଙ୍କୁ ପୂଜା କଲେ ଆମ୍ଭମାନଙ୍କ ପ୍ରାଣରେ ତାଙ୍କର ପ୍ରତିଷ୍ଠା ହେବନାହିଁ। ସେ ପୂଜା ସମ୍ବର୍ଦ୍ଧନା ଓ ଚାରିତ୍ରିକ ଦ୍ୟୁତି ଆଣିପାରିବ ନାହିଁ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପ୍ରକୃତ ଚକ୍ଷୁଦାନ ହେଉଛି - ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ମା'ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେଉଁଭଳି ଭାବରେ ଦେଖିବା ପସନ୍ଦ କରନ୍ତି ଆମ୍ଭେମାନେ ଯେଉଁଭଳି ସେହିଭାବରେ ଦେଖିବାରେ ଅଭ୍ୟସ୍ତ ହେବୁ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା। ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂର୍ତ୍ତିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀର୍ତ୍ତିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉଦ୍ଭଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।

*ସହ-ପ୍ରତିରେଦ୍ଧିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମାତୃ ରୂପେଣ ସଂସ୍ଥିତା


*ଇଂ ବିଦ୍ୟାଧର ପଣ୍ଡା, ପରିବେଶବିତ*

ହଠାତ୍ ସୁଦାମା ଭୁବନେଶ୍ୱର ପୁରୁଣାବସଷ୍ଟାଣ୍ଡର ପ୍ରସିଦ୍ଧ ଚା'ଦୋକାନରେ କୁଷିଆକୁ ଦେଖି କୁଣ୍ଢେଇବାକୁ ଗଲାବେଳେ କୁଷିଆ ବାରଣକଲା। କାରଣ କୁଷିଆ ଆଉ ଏବେ ସେ ଗାଁକୁଷିଆ ହୋଇ ରାଜଧାନୀରେ ରହିନାହିଁ। ରାଜଧାନୀର ଏବେ ସେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି କେକେ ସାହେବ। ତା'ଙ୍କ ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରତିନିଧି ଏବଂ ସଭା ସମିତିରେ ତା'ଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯିବାର ବାରମ୍ବାର ଦେଖାଯାଏ। ଆଜି ବି ସେ ସେମିତି ଗୀତଗୋବିନ୍ଦ ହଲରେ ଏକ ଦୈନିକ ଖବରକାଗଜର ବାର୍ଷିକ ଉତ୍ସବରେ ନିମନ୍ତ୍ରଣ ପଠାଯାଇଥିବା ଅନେକ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ। ଧଳାରଙ୍ଗର ଟ୍ରାଉଜର୍‌ପଞ୍ଜାବୀ ସାଙ୍ଗକୁ ସୁନେଲିରଙ୍ଗର ଗାମୁଛା ବେକରେ ଶୋଭା ପାଉଛି। ଏମିତି ବେଶରେ ସେ ଆସିଛନ୍ତି ସଭାକାର୍ଯ୍ୟରେ ଯୋଗଦେବା ପୂର୍ବରୁ ଚା'ସାଙ୍ଗରେ ଉଇଲ୍‌ସ ଖଣ୍ଡେ ସୋଷାଡ଼ିଦେଲେ ଭାଷଣ ଭଲ ବାହାରିବ। ନେତାଜି କୁହନ୍ତି ସିଗାରେଟ୍ ପିଇଲା ପରେ ମୁଣ୍ଡ କାମକରେ। କିନ୍ତୁ ସରକାର ଏବଂ ଡାକ୍ତରମାନେ କୁହନ୍ତି ସିଗାରେଟ୍ ପିଇଲେ କର୍କଟ ରୋଗ ହୁଏ। ଏପରି ସବୁ ସିଗାରେଟ୍ ଖୋଳ ଉପରେ ଲେଖା ଯାଇଥିଲେ ମଧ୍ୟ କାହାର ଖାତିର ନାହିଁ। କାହାକୁ ଆପଣ ବୁଝେଇବେ!

ସୂର୍ଯ୍ୟ ମହାପ୍ରଭୁ ମୁଣ୍ଡ ଉପରକୁ ଉଠିଗଲେଣି। ସକାଳ ଦଶଟା କି ଏଗାରଟା ଉପରେ ବାଜିଲାଣି। ସେଥିପାଇଁ ସଭାକୁ ଯିବାକୁ କେକେ ତରବର ହେଉଥିବା ବେଳେ ପିଲାଦିନର ସାଙ୍ଗ ସୁଦାମା କୁଆଡୁ ଆସି ଧୂମକେତୁ ପରିକା ସେଠି ପହଁଚି କୁଣ୍ଢେଇବାକୁ ହାତ ବଢାଉଛି। ମଇଳା ଫଟେଇ ସାଙ୍ଗରେ ଆଣ୍ଠୁତଳକୁ ଗେରୁଆ ଧୋତି ପିନ୍ଧିଛି। ସିଏ ବି ତା'ଙ୍କଗାଁର ଅବଶ୍ୟ ଜଣାଶୁଣା ଜଣେ ଭଦ୍ରବ୍ୟକ୍ତି, ସାଦୁଆ ଚଷା କହିଲେ ଖଣ୍ଡମଣ୍ଡଳରେ ନାଁଟି କିଏ ନ ଜାଣନ୍ତି ବୋଲି ନାହିଁ ଏବଂ ପୁରୁଖାଲୋକମାନେ ଭଲ ଭାବରେ ଚିହ୍ନନ୍ତି ମଧ୍ୟ। ସାଦୁଆର ରୋକ୍‌ଠୋକ୍ କଥା। ନ୍ୟାୟବେଳେ କାହା ମୁହଁକୁ ଋହେଁନି ସାଦୁଆ। ହେଲେ ସହରରେ ଚିହ୍ନେ କିଏ! କିନ୍ତୁ ନିଜ ପିଲାଦିନର ସାଙ୍ଗକୁ କେକେ ଚିହ୍ନିଲେ ଏବଂ କହିଲେ, 'ତୁ କୁଣ୍ଢେଇଲେ ମୋ ପୋଷାକ ଖରାପହେବ। ମୁଁ ଗୋଟେ ସଭାକୁ ବାହାରିଛି। ସଭାକାମ ମାତ୍ର ଘଡିଏ କି ଦିଘଡି, ତେଣୁ ସଭାପରେ ଆମେ ଘରକୁ ଯାଇ ବୈଠକି ଘରେ ବସି ଭଲରେ କଥାହେବା।'

ସୁଦାମା କହିଲା, 'ତୋରି ପାଖରେ କାମ। ଗାଁର ଦୁଃଖୀବୁଢୀର ବାର୍ଦ୍ଧକ୍ୟ ଭତାଟା ଏପର୍ଯ୍ୟନ୍ତ ହେଲାନି ବୋଲି ମୁଁ ବିଧାୟକଙ୍କ ପାଖକୁ ଆସିଛି, ତୁ କହିଦେଲେ କାମ ସୁରୁଖୁରୁରେ ହେବ। ମୋର ସହରରେ ଆଉ ଅନ୍ୟକିଛି କାମ ନାହିଁ। ଆଉ ତୋ ପିଲାପିଲି କେମିତି ଅଛନ୍ତି କହ? ମଉସାଙ୍କ ଦେହାନ୍ତ କଥା ଶୁଣି ବହୁତ ଦୁଃଖ ଲାଗିଲା। ମାଉସୀଙ୍କ ଦେହପା' କେମିତି ଅଛି?'ଏମିତି କଥୋପକଥନ ଭିତରେ ଦୁହିଁଙ୍କର ଚା' ଏବଂ ସୋଷଡା ସୋଷଡି କାର୍ଯ୍ୟକ୍ରମ ସରିଗଲା। କେକେ ସୁଦାମାକୁ ଗୀତଗୋବିନ୍ଦ ଭବନ ନେଇ ସଭାଗୃହ ପଛ ଚଉକିରେ ବସେଇ ନିଜେ ମଂଚଉପର ଆସନରେ ପ୍ରକୃତ ନେତା ପରିକା ମୁରୁକିହସ ସହ ଲୋକାରଣ୍ୟ କୋଠରୀସାରା ଦୁଇଆଖି ପହଁରେଇ ପଞ୍ଝାବିଟେକି ବସିଲେ। ସାଦୁଆ ଦେଖିଲା କୁଷିଆର ଭାରି ଖାତିର। କେତେକେତେ ବଡବଡ ଲୋକ ତାକୁ ହାତଟେକି ନମସ୍କାର କରୁଛନ୍ତି। ଇଏ କୋଉଗାଈର ଗୋବର ଯେ ତାକୁ କୁଣ୍ଢେଇବାକୁ ହାତ ବଢଉଥିଲା! ସାଙ୍ଗହୋଇ ପଂଚମଯାଏଁ ପାଠ ପଢିଛନ୍ତି ସତ, ହେଲେ ଏବେ ଦୁହିଁଙ୍କ ଭିତରେ ଫରକ ବହୁତ ବଢିଯାଇଛି।

ସଭା ସାଙ୍ଗ ହେଲା। ସଭାରେ ବିଧାୟକ ଆସିବାକୁ ଅସମର୍ଥ ଥିବାରୁ କେକେ ସାହେବ ତାଙ୍କ ଚଉକିରେ ବସିଥିଲେ ବୋଲି ସାଦୁଆ ପରେ କୃଷ୍ଣକାନ୍ତଠାରୁ ଜାଣିଲା। ସମସ୍ତଙ୍କ ଠାରୁ ବିଦାୟ ନେଇ କୃଷ୍ଣ ସୁଦାମା ପାଖକୁ ଆସି ପୁଣିଥରେ ସେଇ ଭୁବନେଶ୍ୱର ପୁରୁଣାବସଷ୍ଟାଣ୍ଡର ସେ ଚା'ଦୋକାନକୁ ଆସି ଚା ବରାଦକଲେ। ଏଥର କେକେ ମୁହଁରୁ ବାହାରୁଥାଏ ଅନର୍ଗଳ ଭାଷଣ ସାଙ୍ଗରେ ନାଭିକଟ୍‌ର ଧଳାଧୂଆଁ । - ଶୁଣୁ ସାଦୁଆ! 'ଆଜି ରବିବାର। ରବିବାରେ ମୋର ବହୁତ କାମ। ମାମା ପାଇଁ ପ୍ରତି ରବିବାର ମୋର ସମାନ ତିନିଘଂଟା ଦରକାର। ସାଓ୍ୱାର ଅଛି, ତଥାପି ସାମ୍ପୋ କରି ଗାଧୋଇଦେବାକୁ ଅତିକମ୍‌ରେ ପଇଁଚାଳିଶ୍ ମିନିଟରୁ ଘଂଟାଏ। ତା'ପରେ ତା ଦେହରେ ଡ୍ରାୟର ମରାହେବ ଏବଂ ପାନିଆରେ ଚୁଟି କୁଣ୍ଡାହେବ। ଏସବୁ ସରିଲା ପରେ ରବିବାର ଖାଇବାଟା ତାର ରାଜଭୋଗ ହୋଟେଲରୁ ପାର୍ଶଲ୍ ଆସେ। ଆରାମରେ ଖାଇ ବାସ୍ନାଅତର ଆଦି ଲଗେଇ ଏସି କୋଠରୀରେ ଦୁଇତିନି ଘଂଟା ଶୋଇଲା ପରେ ଯାଇ ତା ମନଶାନ୍ତି। ଏସବୁ ରୁକୁଣୀ କିଛି ବୁଝୁନି। ସବୁକାମ ମୁଁ ନିଜେ ନିଜ ହାତରେ କରୁଛି। ଆଜି ଏବେ ଘରକୁ ଚାଲ, ତୋ ନିଜ ଆଖିରେ ନିଜେ ଦେଖିବୁନି!' ସାଦୁଆ ଭାବୁଛି - 'କୁଷିଆ! ମୋ ପିଲାଦିନର ସାଙ୍ଗ, ବଡ ଦିନକୁ ବଦଳିଗଲାଣି। ସେ ସତରେ କେତେ ଭଲ! ମାମାର ଏତେ ସେବା କରୁଛି! ହେଲେ ମୋ ବୋଉର ମୁ ଦିନେକାଳେ ପାଲଟା ଲୁଗା ବି ଧୋଇନି। ସତରେ ମାଆର ସେବା କରିବା ଭାଗ୍ୟରେ ଥିଲେ ମିଳେ। କୁଷିଆ ସେତେକ କରୁଛି ବୋଲି ଗାଁ କୁଷିଆରୁ ଏବେ କୃଷ୍ଣକାନ୍ତ ସାହେବ ହୋଇସାରିଲାଣି, ଆଉ ମୁଁ ମାଟି ସାଙ୍ଗରେ ମାଟି ହୋଇ ସେଇ ଗାଁରେ ପଡିଛି।'

ଏମିତି ଭାବନାରେ ସୁଦାମା ଅନ୍ୟମନସ୍କ ଥିବାବେଳେ କୃଷ୍ଣ ମାମାର ଆଉରି ଅନେକ ଗୁଣ ଗାଇ ସାରିଲାଣି, ହେଲେ ସାଦୁଆ ମଗଜ ଭିତରେ କିଛି ପଶୁନି। କୃଷ୍ଣପାଇଁ ମନଭିତରେ ପ୍ରବଳ ସମ୍ମାନର ଗୋଟିଏ ଏଭରେଷ୍ଟ ପାହାଡ ଛିଡା କରିସାରିଲାଣି ସୁଦାମା। କୃଷ୍ଣ ତେବେ ତା ମାମାପାଇଁ ଏତେ ସେବା କରୁଛି! ଘରକୁ ଡାକିଲାଣି ଯେତେବେଳେ ନିଶ୍ଚୟ ଯିବି, ଆଉ ଆଜି ନିଜଆଖିରେ ସେସବୁ ଦେଖି ଗାଁରେ ମୋ ବୁଢା ବାପା ଏବଂ ବୁଢୀ ବୋଉର କାଲିଠାରୁ ସେମାନେ ବଂଚିଥିବା ଯାଏ ସେମିତି ସେବା କରିବି। ସିଏ ତ ଜନ୍ମ କରିଛନ୍ତି। ତାଙ୍କ ସେବାରେ ଲଜ୍ଜା କ'ଣ? ବୋହୂଟା ଯେତେ ହେଲେ ପର ଝିଅ। ସିଏ କାହିଁକି ମୋ ବାପାମାଆର ସେବା କରିବ! ମୁଁ କରିବି। ମୋ'ସାଙ୍ଗ ଯେତେବେଳେ ମାମାର ସବୁ କାମ କରୁଛି, ମୁଁ କାହିଁକି କରି ପାରିବିନି? ଅଲବତ୍ କରିବି। ଅନତି ଦୂରରେ ବିଧାୟକଙ୍କର ପରମ କୃପାରୁ କୃଷ୍ଣବାବୁ ପାଇଛନ୍ତି ଗୋଟେ ସରକାରୀ ନିବାସ। ସେ କୁଆଡେ ଓଡିଶାର ଜଣେ ବଡ ସମାଜସେବୀ। ଦୁଃଖୀରଙ୍କିଙ୍କର ଲୁହ ସହି ପାରନ୍ତିନି ବୋଲି ଚାଲିଚାଲି ଆସିଲାବେଳେ ସୁଦାମାକୁ କହୁଥିଲେ। ଗାଁରେ ଅବଶ୍ୟ ଏପର୍ଯ୍ୟନ୍ତ ତାଙ୍କର ଏହିଗୁଣ ଅଛୀ ବୋଲି କେହି ଜାଣନ୍ତିନି।

ଏମିତି କଥା ହେଉହେଉ ପନ୍ଦରମିନିଟ୍ ଚାଲିବାପରେ ଦୁହେଁ ପହଁଚିଲେ କେକେ ସାହେବଙ୍କ ବଙ୍ଗଳା ଫାଟକ ପାଖରେ। ଦରୁଆନ୍ ନମସ୍କାର କରି ଫାଟକ ଶିକୁଳି ଖୋଲି ସାଦୁଆକୁ ଅଭ୍ୟର୍ଥନା ଜଣାଇଲା। ସମୟ ସାଢେ ଏଗାରଟା ପାଖାପାଖି। ରୁକୁଣୀ କୃଷ୍ଣଙ୍କ ଠାରୁ ତା'ଙ୍କ ପିଲାଦିନ ସାଙ୍ଗ ସୁଦାମାର ପରିଚୟ ପାଇଲା ପରେ ଘରଭିତରକୁ ଯାଇ ହାତରେ ଦୁଇଟି ପ୍ଲେଟରେ ବିସ୍କୁଟ୍ ମିକ୍‌ଚର ସହ ମିଠା ଗୋଟେଗୋଟେ ରଖି ଫେରିଲେ। କେକେ ସାହେବ ମିଠାଟି ମୁହଁରେ ଦେଉଦେଉ ରୁକୁଣୀକୁ ମାମା କଥା ପଚାରିଲେ, 'ମାମାର ଲାଟ୍ରିନ୍ ଠିକ୍ ହେଲା? କ'ଣ ଜଳଖିଆ କରିଛି? ଦୁଧ ପିଇଛି କି ନାହିଁ? ଇତ୍ୟାଦି ଇତ୍ୟାଦି।' ଏସବୁ ଶୁଣି ସୁଦାମା ଆଉ ନିଜର ଅମାନିଆ ଲୁହଗୁଡାକୁ ଆଖିରେ ରୋକି ପାରିଲାନି। ଧାରା ଶିରାବଣ ବର୍ଷାପରି ଦୁଇ ଠାକରାଗାଲ ଉପରେ ଆଖିରୁ କେଇଧାର ଲୁହ ଗଡିପଡିଲା। ବନ୍ଧୁପତ୍ନୀ ଉତ୍ସୁକତାର ସହ ପ୍ରଶ୍ନ କଲେ, 'ଆରେ ସାଦୁଆ! ତୁମେ କାନ୍ଦୁଛ କାହିଁକି?'- 'କୁଷିଆର ମାମାପ୍ରତି ଥିବା ସ୍ନେହ ଦେଖି ମୁଁ କାନ୍ଦି ପକେଇଲି। ମୁଁ କେବେ ବି କାହାର ଏମିତି ଯତ୍ନ ମୋ ଜୀବନରେ ନେଇନି। ଚାଲ, ମୋତେ ମାମାଙ୍କ ପାଖକୁ ନେଇ ଚାଲ।'

- 'ହଁ ହଁ ସବୁ ଦେଖିବୁ , ମାମା ସାଙ୍ଗରେ ତୋତେ ଜରୁର ମିଶେଇବି। ଆମର ସବୁ ଘର ସବୁ ବଗିଚା ବୁଲିବୁ। ଆଗ ଥାଳିଆଟା ଶେଷ କରିଦେ। ତା'ପରେ ପ୍ରଥମେ ମାମାପାଖକୁ ଯିବା ଏବଂ ତାପରେ ବିଗିଚା ବୁଲିଦେଖିବା।' ସୁଦାମାର ମନରେ ଉତ୍କଣ୍ଠା। କୃଷ୍ଣର ମାମାଙ୍କୁ , ମାଉସୀଙ୍କୁ ସେ ପ୍ରାୟ ଚାରି ପାଂଚବର୍ଷ ହେବ ଦେଖିନି, ତାଙ୍କୁ ଆଜି ଦେଖିବ। ସେମାନେ ଗାଁ ବିଲବାଡି ବିକି ସହର ଆସିବା ତିରିଶ ବର୍ଷ ଉପରେ ହେବ। କୃଷ୍ଣର ବାପା ସରକାରୀ ଚାକିରୀ କରୁଥିଲେ, ସେମାନଙ୍କୁ ସରକାରୀ ବାସ ଭବନ ମିଳିଥିଲା। ଗାଁକୁ ଗଲାବେଳେ ମାଉସୀ ଭଳିଭଳି ପାଟଶାଢୀ ପିନ୍ଧି ଆମ୍ବାସେଡର୍ କାର୍‌ରେ ଯାଉଥିଲେ। ଏବେ ବି କୃଷ୍ଣ ଯେମିତି କହୁଛି ସିଏ ଭାରି ଭଲରେ ଥିବେ। ନିଜପୁଅ ଯେତେବେଳେ ନିଜହାତରେ ମାଆର ସେବା ସୁଶ୍ରୁଷା କରୁଛି ତେବେ ମାଉସୀଙ୍କର ବାର୍ଦ୍ଧକ୍ୟ ଜନିତ ପିଡା ଉପସମ ହେଉଥିବ ନିଶ୍ଚିତ। ଏପରି ଚିନ୍ତା କରୁକରୁ ପ୍ଲେଟ୍ କେତେବେଳେ ଖାଲିହେଲା ସୁଦାମା ଜାଣି ପାରିଲାନି। ଦୁଇସାଙ୍ଗ ଚଉକିରୁ ମାମାପାଖକୁ ଯିବାପାଇଁ ଉଠିଲେ।

ପଛ ଅଗଣାର ଫାଟକର ବାଁ ପଟକୁ ଥିଲା ୪ଫୁଟ ଉଚ୍ଚର ଚାରିଫୁଟରେ ଚାରିଫୁଟ , ଏମିତି ଷୋଳବର୍ଗ ଫୁଟର ଘରଟିଏ। ବନ୍ଦିଘର ପରିକା ଚାରିପଟ କାନ୍ଥ ଲୁହାରଡରେ ନିର୍ମିତ। ତା ଭିତରେ ବାଛୁରି ପରିକା କସରା ମାଇ ଆଲସିସିଆନ୍ କୁକୁରଟିଏ ଶୋଇଛି। କୃଷ୍ଣ ତା ଆଡକୁ ଅଙ୍ଗୁଳି ଦେଖାଇ କହିଲା, 'ଦେଖ୍! ଏଇ ହେଲା ମାମା। ବିଗତ ପାଂଚବର୍ଷରେ ଲକ୍ଷପଚାଶ ହଜାର ଟଙ୍କା ରୋଜଗାର କରି ମୋ ହାତରେ ଗଣି ଦେଲାଣି। ଗତବର୍ଷ ଗୋଟେ ଡୋବରମ୍ୟାନ୍ ସାଙ୍ଗରେ କ୍ରସିଂ କରେଇଥିଲି ଯେ ଚାରିଟା ଛୁଆ ଜନ୍ମ ହୋଇଥିଲେ। ଗୋଟାକ ପାଂଚପାଂଚ ହଜାର ଦେଇ ମାସକଭିତରେ ଘରୁ ଆସି ମନ୍ତ୍ରୀମାନେ ସବୁ ଟେକିନେଲେ। ସେଥିପାଇଁ ଯା'ର ସେମିତି ଯତ୍ନ ନେବାକୁ ମୁଁ ବାଧ୍ୟ ହେଉଛି। ଏବେ ସିଏ ଗାଧୋଇବ, ସାମ୍ପୋହେବ। ଡ୍ରାୟର୍ ମରାଯାଇ ଦେହସାରା ଅତର ଲଗାହେବ। କଲେଜପଢୁଆ ଝିଅଟା ରାତିରେ ତାକୁ ଖଟଉପରେ କୁଣ୍ଢେଇକି ଶୋଉଛି ଯେତେବେଳେ, ଭଲରେ ପରିଷ୍କାର ପରିଚ୍ଛନ୍ନ ନକଲେ ଗଦି ରେଜେଇ ଅସନା ହେବନି! ତାପରେ ରାଜଭୋଗ ହୋଟେଲ୍‌ରୁ ପୁରା ପ୍ଲେଟ୍‌ମଟନ୍ ଏବଂ ଦେଶୀ ଘିଅବୋଳା ମସଲା କୁଲଚା ଦୁଇଟା ଆସିଲେ ସେ ଖାଇବ। ଏଣୁତେଣୁ ହୋଟେଲରୁ ଆଣିଲେ ଛୁଇଁବନି।' ଏତିକି କହୁକହୁ କୃଷ୍ଣ ପଛକୁ ଚାହିଁଲା ବେଳକୁ ସାଦୁଆ ତଳେପଡି ବେହୋସ ହୋଇଗଲାଣି। ମୁହଁରେ ପାଣି ଛିଂଚି ଚେତା ପଶିବାରୁ କହିଲା, 'କୃଷ୍ଣ! ମୁଁ ଭାବୁଥିଲି ମାମା ମାନେ ମାଉସୀ। ତୋ'ର ମାଆଙ୍କୁ ମୁଁ ମନରେ କଳ୍ପନା କରି ତୋତେକେତେ ଉଚ୍ଚାଆସନରେ ବସେଇଥିଲି ଯେ ଛାଡ ଏବେ ଯାହା ହେଲାହେଲା ମୋତେ ମାଉସୀଙ୍କ ପାଖକୁ ଟିକେ ନେଇଚାଲ।'

କୃଷ୍ଣ ସୁଦାମାର ଏପରି ଜିଦ୍‌ଦେଖି ଅଗଣାର ଅନ୍ୟଏକ କୋଣରେ ଥିବା ଫାଳିକିଆ ଟିଣଛାତର ଆଉଟ୍‌ହାଉସ୍‌ରେ ଘରର ଚାକରାଣି କୋଠରୀ ବାରଣ୍ଡାରେ ଶୋଇଥିବା ନିଜର ଜନ୍ମକଲା ମା ପାଖକୁ କୃଷ୍ଣ ସୁଦାମାକୁ ନେଇଗଲା। ପ୍ରଥମେ ମାଉସୀ ସୁଦାମାକୁ ଚିହ୍ନି ପାରିଲେନି। ଆଖିକୁ ଭଲ ଦେଖାଯାଉନି। ଲୁଗାପଟାରେ ଝାଡାପରିସ୍ରା ହୋଇଯାଉଛି ଯେ କୃଷ୍ଣର ପୁଅଝିଅ ଅସୁଖ ପାଇବାରୁ ମାଆକୁ ବାହାରେ ଥିବା ଚାକରାଣି ପାଖରେ ସେମାନେ ଗତ ତିନିମାସ ହେଲା ରଖୁଛନ୍ତି। ରୁକ୍ମଣୀ କହୁଥିଲେ ବୃଦ୍ଧାଶ୍ରମରେ ନେଇ ଛାଡିଦେଇ ଆସିବାକୁ। ହେଲେ ବୁଢୀ ମଙ୍ଗିଲାନି। କହିଲା ବିଷଦେଇ ମାରିଦିଅ ପଛେ ବୃଦ୍ଧାଶ୍ରମରେ ଛାଡନି। ମୁଁ ଏଠି ନାତିନାତୁଣୀଙ୍କ ମୁହଁ ଚାହିଁ ବଂଚିବି। ତାପରେ ଶେଷକୁ ଚାକରାଣୀ ସାଙ୍ଗରେ ରହୁଛନ୍ତି ଯେ ସିଏ ବି ଏବେ ଦୁର୍ଦ୍ଦୁର୍ ମାର୍‌ମାର୍ କରୁଛି। ମାଉସୀ ଶୋଇଥିବା ବିଛଣାରୁ ଦୁର୍ଗନ୍ଧ ବାହାରୁଛି। ଚାକରାଣୀର ମନ ହେଲେ ସଫା କରୁଛି, ନହେଲେ ସେମିତି ପଡି ରହୁଛନ୍ତି। କେକେ ସାହେବ ପୁଅ ହିସାବରେ ମାଆକୁ ବେଳେବେଳେ ଦେଖିବାକୁ ଗଲେ ବିଛଣା ଚାରିପଟେ ଫିନାଇଲ୍ ଢାଳି ଦିଏ। ଏସବୁ ଦୃଶ୍ୟଦେଖି ସୁଦାମା ମାଉସୀକୁ ନିଜ ପରିଚୟ ଦେବାପରେ ମାଉସୀ ଚିହ୍ନିଲେ। ଠାରରେ ନିଜର କିଂକର୍ତ୍ତବ୍ୟବିମୂଢତା ପ୍ରକାଶ କରିବା ପରେ ଖନିଖନି ସ୍ୱରରେ କହିଲେ, ମୋତେ ତୋ ସାଙ୍ଗରେ ଗାଁକୁ ନେଇଯା। ମୁଁ ଗାଁ ମଶାଣୀରେ ପଡିପଡି ମରିଯିବାକୁ ଚାହୁଁଛି। ଏ ନର୍କରୁ ମୋତେ ଉଦ୍ଧାର କର ବାପା, ତୋର ମୁଁ ଚିରଋଣୀ ହୋଇ ରହିବି। ଏତିକିରେ ମାଆ ପୁଅର ଯୁକ୍ତି ତର୍କ ଆରମ୍ଭ ହେଲା-

- ସେଠି ଗାଁରେ ଯାଇ ମୋର ବଦ୍‌ନାମ କରେଇବୁ। ନା କଣ ପୁଅ ବୁଢୀ ମାଆଟାକୁ ପଚାରୁନି, ଖାଇବାକୁ ପିନ୍ଧିବାକୁ ଦେଇ ପାରୁନି।

- ତୁ କଣ ସେୟା କରୁନୁ କି? ସତ ସତ ମିଛ ମିଛ। ସତକୁ ଘୋଡେଇଲେ ଲାଭ କ'ଣ?

ଏତିକି ଶୁଣି ସୁଦାମାର ମୁଣ୍ଡ ଘୁରେଇ ଆଉଥରେ ବେହୋସ ହେବାର ଲକ୍ଷଣ ଦେଖାଗଲା। କୃଷ୍ଣର ସ୍ତ୍ରୀ ରୁକ୍ମଣୀ ପାଣି ଆଣି ଦେଲା ପରେ ଖନିଖନି ସ୍ୱରରେ ସୁଦାମା କହିଲା, - 'ତୁ ତୋ କୁକୁରକୁ ଗାଧୋଇ ଦେଉଛୁ, ସାମ୍ପୋ ଲଗଉଛୁ, ଅତର ଢାଳୁଛୁ , ହେଲେ ନିଜର ଜନ୍ମ କଲା ମାଆକୁ ଗୁହମୁତରେ ଶୋଇବାକୁ ଦେଉଛୁ? ଇଏ କ'ଣ ମଣିଷ ପଣିଆ?' ଏମିତି ଯୁକ୍ତିତର୍କରେ କୃଷ୍ଣ ମାଆଙ୍କର ଆଖି କୋରଡରୁ ଦୁଇଧାର ଲୁହ ବୋହିଗଲା। ଏଥିପାଇଁ କୃଷ୍ଣ ତାର ପିଲାଦିନର ଅନ୍ତରଙ୍ଗ ସାଙ୍ଗ ସୁଦାମାକୁ ଦାୟୀ କରି କହିଲା,- ତୁ ଆସିନଥିଲେ ମୋ ମାଆ ଏମିତି କଷ୍ଟ ପାଇନଥାନ୍ତା। ଏଣୁତେଣୁ ବାଜେ କଥା କହି ତାକୁ ତୁ ବେଶି କଷ୍ଟ ଦେଉଛୁ। ଏବେ ତୁ ମୋ ଆଖିରେ ଜଣେ ଖରାପଲୋକ, ତୁ ମୋ ସାଙ୍ଗ ନୁହେଁ, ଶତ୍ରୁ। ତୁରନ୍ତ ଏ ଜାଗା ଛାଡି ଚାଲିଯା, ତୁ ଗୋଟେ ବେକାର ଲୋକ, ଚାଲିଯା।' ସୁଦାମା ସେ ଯାଗାରେ ରହିବାର ସାମର୍ଥ୍ୟ ହରାଇ ଆସୁଆସୁ କାନ୍ଦିକାନ୍ଦି ଆଗକୁ ଲମ୍ବାଲମ୍ବା ପାହୁଣ୍ଡ ପକେଇ ଚାଲିଥିଲା ବେଳେ ପାଖ ଦୁର୍ଗା ମଣ୍ଡପରୁ ଡାକବାଜି ଯନ୍ତ୍ରଦ୍ୱାରା ମନ୍ତ୍ର ଶୁଭୁଥାଏ - "ଯା ଦେବୀ ସର୍ବ ଭୂତେଶୁ ମାତୃ ରୂପେଣ ସଂସ୍ଥିତା, ନମଃ ସ୍ତସୈଃ ନମଃ ସ୍ତସୈଃ ନମ ସ୍ତସୈଃ ନମୋନମଃ।'ସାଦୁଆର ମାନସ ପଟ୍ଟରେ ଆପେଆପେ ତା ନିଜ ମାଆର ଚିତ୍ର ଆଙ୍କି ହୋଇଗଲା। ନିଜ ଅଜାଣତରେ ସିଏ ତାର ଅପାଠୋଇ ସ୍ତ୍ରୀଟିକୁ ମୁଣ୍ଡିଆ ମାରି ଧନ୍ୟବାଦ ଦେଇ ମନେମନେ ଗୁଣୁଗୁଣେଇ ଚାଲିଥାଏ - "ମାତୃ ରୂପେଣ ସଂସ୍ଥିତା, ମା' ମା' ଦୁର୍ଗା। ସମସ୍ତଙ୍କୁ ସତ୍‌ବୁଦ୍ଧି ପ୍ରଦାନ କର ମାଆ। ସମସ୍ତେ ନିଜନିଜର ବୁଢା ବାପା ମାଆଙ୍କର ନିଜଘରେ ରଖିଥିବା ପୋଷାଜୀବ ମାନଙ୍କଠାରୁ ଟିକିଏ ଅଧିକ ଯତ୍ନ ନିଅନ୍ତୁ। ଜୟ ମା ଜଗଜ୍ଜନନୀ ମା ମାତୃ ରୂପେଣ ସଂସ୍ଥିତା ।

*ପଂଚଶଖା ନଗର, ଉଦୁଉଦୁମା, ଖଣ୍ଡଗିରି*
*ଭୁବନେଶ୍ୱର -୭୫୧୦୧୯, ଓଡିଶା*
*ମୋ-୯୪୩୯୧୨୮୦୫୦*

# ଖେଳ



# ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday October 04, 2022 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୦୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଗ୍ରାମାଞ୍ଚଳରେ ମହାଆଡମ୍ବରରେ ପାଳିତ ହେଉଛି ଶାରଦୀୟ ଦୁର୍ଗାପୂଜା



ଦର୍ପଣ,(ପି.ଏନ): ବଡଚଣାର ବିଭିନ୍ନ ଗ୍ରାମାଞ୍ଚଳରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ମହାଆଡମ୍ବରରେ ପାଳିତ ହେଉଅଛି.କରୋନା କଟକଣା ପାଇଁ ଦୁଇ ବର୍ଷ ହେବ ଏହି ଦୁର୍ଗା ପୂଜା ବନ୍ଦ ଥିବାରୁ ଚଳିତ ବର୍ଷ ଏହି କଟକଣା ନଥିବାରୁ ଦୁର୍ଗା ପୂଜାକୁ ସମସ୍ତେ ମହାଆଡମ୍ବରରେ ପାଳନ କରୁଛନ୍ତି। ବଡଚଣାର ବଡ଼ଚଣା ବଜ଼ାର ଓ ସିଂହସାହି,ଚଣ୍ଡିଖୋଲ ଛକରେ ଶାରଦୀୟ ଦୁର୍ଗାପୂଜା ପାଳିତ ହେଉଅଛି.ସେହିପରି କୋଲ୍‌ହାସିଂ - ଖରମଂଗୀର ତଳସାହି ଓ ଉପରସାହି ଓ ଚାରିବାଟିଆ-ଶୁଭଦ୍ରଓପୁର-ଖୋସାଲିପୁରର ସର୍ବଜନୀୟା ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜା ପାଳିତ ହେଉଅଛି। ବିଭିନ୍ନ ସହର ବଜ଼ାରରେ ବିଶେଷକରି ସାଜସଜ୍ଜା,ତୋରଣ ଓ ଆଲୋକ ସଜ୍ଜାକୁ ଗୁରୁତ୍ୱ ଦେଉଥିବା ବେଳେ ଗ୍ରାମାଞ୍ଚଳରେ ମାନ୍ତଙ୍କ ନିକଟରେ ପୂଜାକୁ ଗୁରୁତ୍ୱ ଦେଉଥିବା ଦେଖାଯାଇଛି। ପ୍ରତେକ ପୂଜା ମଣ୍ଡପ ନିକଟରେ ମିନାବଜ଼ାର ଛୋଟ ଛୋଟ ପିଲାଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଥିଲା।

## ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ

ଦର୍ପଣ, (ପି.ଏନ): ଜାତିର ଜନକ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ବଡଚଣା କଂଗ୍ରେସ ଓ ଚମ୍ପାପୁର ଗାନ୍ଧୀ ସ୍ମୃତିକମିଟି ପକ୍ଷରୁ ବଡଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ହାଟପଡିଆ ଠାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡଚଣାର କଂଗ୍ରେସ ନେତା ଅଜୟ କୁମାର ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ସଞ୍ଜୟ କର, ନଳୀପୁର ପଂଚାୟତ ସମିତି ସଭ୍ୟ ଧର୍ମରାଜ ବଳ, ରିଆସତ ଅଲ୍ଲୀ, ଯୁବନେତା ବିଶ୍ୱପ୍ରକାଶ ସାମଲ, ଜିଲ୍ଲା ଯୁବ କଂଗ୍ରେସ ସାଧାରଣ ସଂପାଦକ ସନ୍ତୋଷ କୁମାର ପରିଡା, ଚାନ୍ଦ ଖାଁ, ମାଧବାନନ୍ଦ ମଲିକ, ଶେକ କଲିମୁଲ୍ଲା, ସରୋଜ କୁମାର ଜେନା, ବଟକୃଷ୍ଣ ଦାସ, ଅଶୋକ କୁମାର ରାଉତ, ଶାନ୍ତନୁ କୁମାର ଜେନା, ଅଶୋକ କୁମାର, ବଂଶୀଧର ମଲ୍ଲିକ, ପ୍ରାକ୍ତନ ସରପଂଚ ଭାସ୍କର ପ୍ରଧାନ ଓ ପ୍ରମୋଦ କୁମାର ପ୍ରମୁଖ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ମହାତ୍ମାଗାନ୍ଧୀଙ୍କ ନୀତି ଆଦର୍ଶ ଓ ଜନହିତକର କାର୍ଯ୍ୟକୁ ଆମେ ସମସ୍ତେ ଅନୁପ୍ରାଣିତ ହୋଇ ସାଧାରଣ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିପାରିଲେ ଭାରତବର୍ଷରେ ରାମରାଜ୍ୟ ପ୍ରତିଷ୍ଠା ହୋଇପାରିବ ବୋଲି କଂଗ୍ରେସ ନେତା ଶ୍ରୀ ସାମଲ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ଏସେଲ୍ସ ପବ୍ଲିକ ସ୍କୁଲରେ ଦଶହରା ଓ ରାବଣ ପୋଡ଼ି



କଟକ,(ପି.ଏନ): କଟକ ସିଡିଏ ସେକ୍ଟର-୯ ସ୍ଥିତ ଏସେଲ୍ସ ପବ୍ଲିକ ସ୍କୁଲରେ ଦଶହରା ଓ ରାବଣ ପୋଡ଼ି ଅନୁଷ୍ଠିତ ହୋଇଯାଇଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଐତିହାସିକ ଲଙ୍କା ଅଭିଯାନ ଓ ଭାତୃପ୍ରେମର ପବିତ୍ର ବାର୍ତ୍ତା ଦେବା ନିମିତ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସେଲ୍ସ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ରଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ତିନିଶହ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସମାରୋହ ରବିବାର ଦିନ ଉତ୍ସାହ ଓ ଉଦ୍ଦିପନାର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଅନ୍ୟ ଅଧିକାରୀମାନେ ଗାନ୍ଧୀଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ପାରାଦୀପ ବନ୍ଦର ପ୍ରଶାସନିକ ଭବନର ବୋର୍ଡ ରୁମ୍‌ଠାରେ ବନ୍ଦରର ଅଧିକାରୀମାନଙ୍କୁ ଅହିଂସାର ଶପଥପାଠ କରାଇଥିଲେ ଉପାଧ୍ୟକ୍ଷ ଏ.କେ.ବୋଷ । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ଦ୍ୱାରା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଗାନ୍ଧୀଙ୍କ ଭାରତର ସ୍ୱପ୍ନ ଉପରେ ଆଧାରିତ ଏହି ପ୍ରତିଯୋଗୀତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସଂଧ୍ୟାରେ ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ସଂସ୍କୃତିକ ସଂଗଠନ କ୍ୟାନମାସ୍ ଓ ପାରାଦୀପ ବନ୍ଦର ମିଳିତ ଆନୁକୂଲ୍ୟରେ ଗାନ୍ଧୀଙ୍କ ଓଡିଶା ନାମକ ଏକ କ୍ଷୁଦ୍ର ନାଟକ ମଂଚସ୍ଥ ହୋଇଥିଲା ।

## ଆର୍ନ୍ତଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଦର୍ପଣ, (ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ଆର୍ନ୍ତଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଚଣ୍ଡିଖୋଲଛକସ୍ଥିତ ବରିଷ୍ଠ ନାଗରିକ ମଂଚ ପ୍ରେକ୍ଷାଳୟ ଗୃହରେ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବରିଷ୍ଠ ନାଗରିକ ମାନେ ନିଜର ସୁରକ୍ଷା ପାଇଁ ପ୍ରଦୀପ ଉଜ୍ଜ୍ୱଳନ କରିଥିଲେ। ଏଥିରେ ସଂପାଦକ ହେମନ୍ତ କୁମାର ସାମଲ, ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଚିତରଞ୍ଜନ ମହାପାତ୍ର, ଈଶ୍ୱର ଚନ୍ଦ୍ର ସାମଲ,

## ପାରାଦୀପ ନଗର ବିଜେଡି ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ

ପାରାଦୀପ, (ପି.ଏନ): ରାଜ୍ୟ ବିଜେଡିର ସଭାପତି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପବିତ୍ର ଗାନ୍ଧୀ ଜୟନ୍ତୀ ଠାରୁ ଜୟପ୍ରକାଶ ନାରାୟଣ ହେବାକୁ ଥିବା ପଦଯାତ୍ରା କାର୍ଯ୍ୟକ୍ରମ ରବିବାର ଦିନ ପାରାଦୀପ ନଗର ବିଜେଡି ପକ୍ଷରୁ ଶୁଭାରମ୍ଭ ହୋଇଛି। ପାରାଦୀପ ସହରର ମଧୁବନସ୍ଥିତ ଭୂୟାଁ ଛକ ଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପାରାଦୀପ ବିଧାୟକ ସଂବିତ ରାଉତରାୟ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ଦଳୀୟ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇ ଗାନ୍ଧୀ ଛକ ଠାରେ ପହଂଚିଥିଲେ । ସେଠାରେ ଅନୁଷ୍ଠିତ ସଭାରେ ପାରାଦୀପ ନଗର ବିଜେଡି ସଭାପତି ତଥା ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ପାରାଦୀପ ବିଧାୟକ ସଂବିତ ରାଉତରାୟ, ରାଜ୍ୟ ବିଜେଡି ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, ପାରାଦୀପ ନଗର ଯୁବ ବିଜେଡିର ନବ ନିଯୁକ୍ତ ସଭାପତି ଅଲୋକ କୁମାର ମହାପାତ୍ର, ମହିଳା ବିଜେଡି ସଭାନେତ୍ରୀ ଚପଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପାରାଦୀପର ବିଭିନ୍ନ ଅଂଚଳରୁ ପୁରୁଷ,ମହିଳା,ଯୁବ ଓ ଛାତ୍ରମାନେ ବହୁ ସଂଖ୍ୟାରେ ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆଗାମୀ ଏକ ମାସ ମଧ୍ୟରେ ପାରାଦୀପର ସମସ୍ତ ଅଂଚଳରେ ଦଳର ସଫଳତା ଓ ରାଜ୍ୟ ସରକାଙ୍କ ଯୋଜନା ଗୁଡିକ ସମ୍ପର୍କରେ ଲୋକମାନଙ୍କୁ ଜଣାଇବାକୁ ପଦଯାତ୍ରା ମାଧ୍ୟମରେ ଜଣାଇବାକୁ କାର୍ଯ୍ୟକ୍ରମ ଥିବା ପାରାଦୀପ ନଗର ବିଜେଡି ସଭାପତି ତଥା ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଜଣାଇଛନ୍ତି ।

## ପାରାଦୀପ ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକା ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମଧୁବନସ୍ଥିତ ଗାନ୍ଧୀ ଛକ ଠାରେ ମାଲ୍ୟାର୍ପଣ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ପୂର୍ବତନ ସାଂସଦ ଡା.କୁଳମଣି ସାମଲ ଯୋଗ ଦେଇ ଗାନ୍ଧୀଜୀଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୌର ଉପାଧ୍ୟକ୍ଷା ଛବିଲତା ରାଉତ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରିଷଦ ସୁବ୍ରତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥୀ,ପାରିଷଦ ପ୍ରଭାତୀ ନାୟକ, ପରିବେଶବିତ୍ ଇଂ.ଅମରେଶ ନରେଶ ସାମନ୍ତ ପ୍ରମୁଖ ଯୋଗ ଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିବା ସହିତ ଗାନ୍ଧୀଙ୍କ ଅହିଂସା ମାର୍ଗ ମନୁଷ୍ୟକୁ ସତମାର୍ଗ ଦେଖାଇଥାଏ ବୋଲି ମତବ୍ୟକ୍ତ କରିଥିଲେ ।

## ୨୪ଘଣ୍ଟା ଖୋଲା ରହିବ ଗାନ୍ଧିପୀଠ; ମୁଖ୍ୟ ସଚିବ



ଭୁବନେଶ୍ୱର,(ପି.ଏନ): ଉନ୍ନତିକରଣ ପରେ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧି ପୀଠ ପର୍ଯ୍ୟଟକଙ୍କ ପାଇଁ ୨୪ଘଣ୍ଟା ଖୋଲା ରହିବବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି। ଗତ କାଲି ରାତିରେ ସେ ଅଚାନକ ଗାନ୍ଧି ପୀଠରେ ପହଞ୍ଚି ମହାତ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗାନ୍ଧି ଫଟୋ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ପୀଠ ଜମିକୁ ଜବର ଦଖଲକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ସେ ସ୍ଥାନୀୟ ଆରଆଇ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଜବର ଦଖଲ ହଟାଇବା ସହିତ ଏହାକୁ ପ୍ରଶସ୍ତ କରିବା ନେଇ ଉପଜିଲାପାଳଙ୍କୁ କହିଥିଲେ। ଅପରପକ୍ଷରେ ୧୬ନମ୍ବର ଜାତୀୟ ରାଜପଥ ସହିତ ପୀଠକୁ ସିଧାସଳଖ ସଂଯୋଗ କରିବା ପାଇଁ ଏକ ରାସ୍ତା ତିଆରି କରିବା ନେଇ ସ୍ଥାନୀୟ ଲୋକଙ୍କ ଅନୁରୋଧକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନିଆଯିବବୋଲି ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ୫୯ନମ୍ବର ୱାର୍ଡ଼ ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ମୁରବି ପୀତବାସ ମହାପାତ୍ର, ପ୍ରଶାସନିକ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

## କଳିଙ୍ଗ ପ୍ରଭା ଶାରଦୀୟ ବେଶେଷାଙ୍କ ପତ୍ରିକା ଉନ୍ମୋଚିତ



ଦର୍ପଣ,(ପିଏନ): କଳିଙ୍ଗ ପ୍ରଭା ସାହିତ୍ୟ ପତ୍ରିକାର ଶାରଦୀୟ ବେଶେଷାଙ୍କ ଆଜି ଚଣ୍ଡିଖୋଲ ପ୍ରେସ କ୍ଲବ ସଭାଗୃହରେ ଉନ୍ମୋଚିତ ହୋଇଯାଇଛି।ଏହି ଉପଲକ୍ଷେ ଏକ ସଭା ପତ୍ରିକାର ସମ୍ପାଦକ ତଥା ପ୍ରେସ କ୍ଲବ ଚଣ୍ଡୀଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ଡକ୍ଟର ଅଜୟ କୁମାର ଲେଙ୍କା ଯୋଗଦେଇ ଦୀର୍ଘ ୧୬ ବର୍ଷ ହେବ ଏହି ପତ୍ରିକା ପ୍ରକାଶିତ ହେଉଥିବାରୁ ଏହାର ଉତ୍ତରଉତର କାମନା କରିବା ସହ ଭବିଷ୍ୟତରେ ଏହି ପତ୍ରିକା ଗ୍ରାମାଞ୍ଚଳରେ ଏକ ପ୍ରମୁଖ ପତ୍ରିକା ରୂପେ ଉଭା ହେବ ବୋଲି ଆଶା ବ୍ୟକ୍ତ କରିଥିଲେ.ଅନ୍ୟତମ ଅତିଥି ଭାବେ ଅଧାପକ ଡକ୍ଟର ବିଶ୍ୱଜିତ ମହାପାତ୍ର,ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା,ପ୍ରେସ କ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି,ପତ୍ରିକାର ସହଯୋଗୀ ସମ୍ପାଦକ ଅଧ୍ୟାପକ ପ୍ରତାପ କୁମାର ଦାସ,ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ,କଳିଙ୍ଗ ପ୍ରଭାର ସାମ୍ବାଦିକ ଘନଶ୍ୟାମ ଗୋଛାୟତ, ପ୍ରୟାଶର ସମ୍ପାଦକ ଭାରତ ଭୂଷଣ ପଣ୍ଡା,ସହ-ସମ୍ପାଦକ ପ୍ରତାପ ଗୋଛାୟତ, ସାମ୍ବାଦିକ ସେକ ସବୀରଉଦ୍ଦିନ ଓ ଦୟାସାଗର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପତ୍ରିକାର ଉତ୍ତର ଉତ୍ତର କାମନା କରିଥିଲେ। ଶେଷରେ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray